


# ବଜେଟ୍

## ୨୦୨୩-୨୪

### ଦ୍ୱିତୀୟ ଭାଗ
### ସାଧାରଣ

**ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ**
ଅର୍ଥ ମନ୍ତ୍ରୀଙ୍କ
ଦ୍ୱାରା ଉପସ୍ଥାପିତ

୧୯ ଫେବୃୟାରୀ, ୨୦୨୩

**ବାଚସ୍ପତି ମହୋଦୟ !**

ବର୍ତ୍ତମାନ ମୁଁ ମୋ ବଜେଟ୍ ଅଭିଭାଷଣର ଦ୍ୱିତୀୟ ଭାଗ ଉପସ୍ଥାପନ କରିବାକୁ ଯାଉଛି; ଯାହା ସାଧାରଣ ବଜେଟ୍ ଅଟେ ।

## 2. ଅର୍ଥନୀତିର ସ୍ଥୂଳ ଦୃଶ୍ୟପଟ୍ଟ

**2.1** ବିଶ୍ୱ ଅର୍ଥନୀତିର ଦୃଶ୍ୟପଟ୍ଟ ଏକ ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛି । ୟୁରୋ ଅଞ୍ଚଳ ଓ ଜାପାନରେ ମାନ୍ଦା ଅବସ୍ଥା ଜାରି ରହିଥିବାବେଳେ ଆମେରିକାରେ ଅଭିବୃଦ୍ଧି ଏବେବି ନିମ୍ନ ସ୍ତରରେ ରହିଛି । ୟୁରୋ ଅଞ୍ଚଳରେ ଲାଗିରହିଥିବା ସାର୍ବଭୌମ ଋଣ ସମସ୍ୟା ଏବଂ ଆମେରିକାର ଆର୍ଥିକ ଅନିଶ୍ଚିତତା ବିଶ୍ୱର ଆର୍ଥିକ ଅଭିବୃଦ୍ଧି ଓ ଅର୍ଥନୈତିକ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିଛି । ପର୍ଯ୍ୟାୟ କ୍ରମେ ଏହାର କୁପ୍ରଭାବ ଭାରତ ସମେତ ଅନେକ ବଜାର ଅର୍ଥବ୍ୟବସ୍ଥାକୁ କବଳିତ କରିଛି । ଏସବୁ ଅନିଶ୍ଚିତତା ଯୋଗୁ ବିଶ୍ୱ ଆର୍ଥିକ ସ୍ଥିତିରେ ସୁଧାର ଆସିବାରେ ବିଳମ୍ବ ହେଉଛି । ବାସ୍ତବରେ ପ୍ରମୁଖ ଆନ୍ତର୍ଜାତୀୟ ସଂସ୍ଥାମାନେ ବିଶ୍ୱ ଅଭିବୃଦ୍ଧିର ଯେଉଁ ପୂର୍ବାନୁମାନ କରିଥିଲେ ତାହା କମାଇ ଦେଇଛନ୍ତି ।

**2.2** ବିଶ୍ୱର ଏହି ମାନ୍ଦାବସ୍ଥା ଓ ଅନିଶ୍ଚିତତା ମଧ୍ୟରେ ପୁଞ୍ଜି ବିନିଯୋଗରେ ମନ୍ଥରତା, ଉପୋଭୋକ୍ତାଙ୍କର ଚାହିଦାରେ ହ୍ରାସ ଓ ରପ୍ତାନୀରେ ଅବନତି ଯୋଗୁଁ ଭାରତୀୟ ଅର୍ଥନୀତି ଧିମେଇ ଯାଇଛି । ଅଭିବୃଦ୍ଧିର ଯେଉଁ ହ୍ରାସ 2011-12 ଆରମ୍ଭ ହୋଇଥିଲା, ତାହା ଚଳିତ ବର୍ଷ ମଧ୍ୟ ଅବ୍ୟାହତ ରହିଛି । ମୁଦ୍ରାସ୍ଫିତି ଉଦ୍‌ବେଗର କାରଣ ଅଟେ । ସୁତରାଂ ସ୍ୱଳ୍ପ ଅଭିବୃଦ୍ଧି, ଅତ୍ୟଧିକ ମୁଦ୍ରାସ୍ଫିତି ବିତ୍ତୀୟ ନିଅଣ୍ଟ ଏବଂ ଚଳିତ

ହିସାବରେ ନିଅଣ୍ଟ ଅର୍ଥନୈତିକ ସ୍ଥିରତା ପ୍ରତି ବିପଦର ସମ୍ଭାବନା ସୃଷ୍ଟି କରିଛି ।

**2.3** ବିଶ୍ୱରେ ଲାଗିରହିଥିବା ଆର୍ଥିକ ଅସ୍ଥିରତା 2012-13 ରେ ଆଶା କରାଯାଉଥିବା ଅଭିବୃଦ୍ଧିକୁ କମାଇ ଦେଇଛି । କେନ୍ଦ୍ରୀୟ ପରିସଂଖ୍ୟାନ ସଂସ୍ଥାର ଆଗୁଆ ଆକଳନ ଅନୁସାରେ 2012-13 ଆର୍ଥିକ ବର୍ଷର ସାମଗ୍ରୀକ ଘରୋଇ ଉତ୍ପାଦ (GDP)ର ଅଭିବୃଦ୍ଧି ହାର 5.00 ପ୍ରତିଶତ ହେବ ବୋଲି ଆଶାକରାଯାଉଛି ; ଯାହା ବିଗତ ବର୍ଷର ଅଭିବୃଦ୍ଧି ହାର 6.2 ପ୍ରତିଶତ ଠାରୁ କମ୍ ହେବ ।

**2.4** ଏଭଳି ପ୍ରତିକୂଳ ବାହ୍ୟ ପରିସ୍ଥିତି ସତ୍ତ୍ୱେ 2012-13 ଆର୍ଥିକ ବର୍ଷରେ ରାଜ୍ୟର ଅଭିବୃଦ୍ଧି ହାର ୨.14 ପ୍ରତିଶତ ହେବବୋଲି ଆଗୁଆ ଆକଳନ କରାଯାଇଛି । ଯଦିଓ ଏହା ଆଗୁଆ ଆକଳନ ଅଟେ, ଏହା ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ଜାତୀୟ ସ୍ତରରେ ଅବନତି ସତ୍ତ୍ୱେ ରାଜ୍ୟରେ ଅଭିବୃଦ୍ଧି ହାର ଜାରି ରହିଛି ।

**2.5** ସେ ଯାହା ହେଉନା କାହିଁକି ବିଶ୍ୱ ଅର୍ଥନୀତିରେ ଜାରି ରହିଥିବା ମାନ୍ଦା ଅବସ୍ଥା ଏବଂ ଜାତୀୟ ଅର୍ଥନୀତିର ମାନ୍ଦାବସ୍ଥା 2013-14 ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ଉପରେ ପ୍ରଭାବ ପକାଇ ପାରେ । ଯଦିଓ ଏହି ବର୍ଷ ପାଇଁ ଅଭିବୃଦ୍ଧି ହାରର କୌଣସି ଆକଳନ ଏ ପର୍ଯ୍ୟନ୍ତ ଉପଲବ୍ଧ ନୁହେଁ, ଆମ ବିଚାରରେ ସାମଗ୍ରୀକ ଘରୋଇ ଉତ୍ପାଦନର ଅଭିବୃଦ୍ଧି ହାର 2013-14 ରେ 6.5 ପ୍ରତିଶତରୁ 7 ପ୍ରତିଶତ ରହିବ ।

## 3. ବିଗତ ପାଞ୍ଚ ବର୍ଷରେ ଆର୍ଥିକ ପରିଚାଳନା

**3.1** ରାଜ୍ୟର ସୁସଂସ୍ଥାପିତ ଆର୍ଥିକଅବସ୍ଥା ଆମ ସରକାରଙ୍କର ଏକ ପ୍ରଧାନ ସଫଳତା । ଓଡିଶା ବିତ୍ତୀୟ ଉତ୍ତରଦାୟୀ ଆଇନ ୨୦୦୫ ଆର୍ଥିକ ଶୃଙ୍ଖଳା ଓ ଦୃଢତା ପାଇଁ ମାର୍ଗ ଦର୍ଶକ ଅଟେ । ବିଶ୍ୱ ଓ ଜାତୀୟ ଅର୍ଥନୀତିର ଅନିଶ୍ଚିତତା ସତ୍ତ୍ୱେ ବିଗତ 5 ବର୍ଷରେ ଆମ ରାଜ୍ୟର ଆର୍ଥିକ ସ୍ଥିତି ସନ୍ତୋଷଜନକ ଅଟେ । ଆର୍ଥିକ ସଫଳତାର କିଛି ଝଲକ ନିମ୍ନରେ ବିସ୍ତୃତ ଭାବେ ପ୍ରଦାନ କରୁଅଛି ।

- 2005-06 ଆର୍ଥିକ ବର୍ଷରୁ ରାଜସ୍ୱ ବଳକା ଜାରି ରହିଛି ।
- 2005-06 ଆର୍ଥିକ ବର୍ଷ ଠାରୁ ଆର୍ଥିକ ନିଅଣ୍ଟ ସାମଗ୍ରୀକ ଘରୋଇ ଉତ୍ପାଦର 3 ପ୍ରତିଶତ ମଧ୍ୟରେ ସୀମିତ ରହିଛି ।
- ସୁଧଦେୟ ଓ ରାଜସ୍ୱ ପ୍ରାପ୍ତିର ଅନୁପାତ ଦ୍ୱାଦଶ ଅର୍ଥ କମିଶନଙ୍କ ନିର୍ଦ୍ଧାରିତ ସୀମା 15 ପ୍ରତିଶତ ମଧ୍ୟରେ ରହିଛି ।
- ସାମଗ୍ରୀକ ଘରୋଇ ଉତ୍ପାଦ ଓ ଋଣ ଅନୁପାତ ତ୍ରୟୋଦଶ ଅର୍ଥ କମିଶନ ଧାର୍ଯ୍ୟ କରିଥିବା ସୀମା 25 ପ୍ରତିଶତ ମଧ୍ୟରେ ରହିଛି ।

**3.2** ବିଗତ ପାଞ୍ଚ ବର୍ଷ ମଧ୍ୟରେ ଅଧିକାଂଶ ସମୟରେ ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ନିଜ ଟିକସ ଓ ଅଣ ଟିକସ ରାଜସ୍ୱର ହାରାହାରି ଅଭିବୃଦ୍ଧି ହାର 1୪ ପ୍ରତିଶତ ଥିଲା । 2011-12 ର ସାମଗ୍ରୀକ ଘରୋଇ ଉତ୍ପାଦର ତ୍ୱରିତ ଆକଳନ ଅନୁସାରେ ଟିକସ ଘରୋଇ ଉତ୍ପାଦକ ଅନୁପାତ 6 ପ୍ରତିଶତ ଅତିକ୍ରମ କରିସାରିଛି ।

**3.3** 2011-12 ରେ ପ୍ରଥମ ଥର ପାଇଁ ରାଜ୍ୟ ସରକାର ଦରମା, ପେନ୍‌ସନ, ସୁଧଦେୟ ଓ ଋଣ ପରିଶୋଧ ପ୍ରଭୃତି ପ୍ରତିଶ୍ରୁତି ବ୍ୟୟ (Committed Expenditure) କୁ ନିଜ ରାଜସ୍ୱରୁ ତୁଲାଇ ପାରିଛନ୍ତି । 2011-12 ରେ ମୋଟ ନିଜ ରାଜସ୍ୱ ପରିମାଣ 19885 କୋଟି 73 ଲକ୍ଷ ଟଙ୍କା ଥିବାବେଳେ ଦରମା, ପେନ୍‌ସନ ଓ ଋଣ ପରିଶୋଧ ବାବଦ ମୋଟ ଖର୍ଚ୍ଚ 18726 କୋଟି 72 ଲକ୍ଷ ଟଙ୍କା ଥିଲା ।

**3.4** ରାଜ୍ୟ ଅର୍ଥର ସୁପରିଚାଳନା ଯୋଗୁଁ ଯୋଜନା କ୍ଷେତ୍ରରେ ଅଧିକ ଅର୍ଥ ବିନିଯୋଗ ପାଇଁ ପଥ ଉନ୍ମୁକ୍ତ ହୋଇଛି । 2007-08 ଆର୍ଥିକ ବର୍ଷରେ ରାଜ୍ୟର ଯୋଜନା କଳେବର 5105.00 କୋଟି ଟଙ୍କା ଥିବାବେଳେ ଚଳିତ ବର୍ଷ ବେଳକୁ ଏହା ପ୍ରାୟ ତିନି ଗୁଣ ବଢି 15000 କୋଟି ଟଙ୍କାରେ ପହଞ୍ଚିଲାଣି ।

**3.5** ବଜେଟ୍ କଳେବର ବୃଦ୍ଧି ହେତୁ ଆମ ସରକାର ଅତ୍ୟାବଶ୍ୟକ ଖର୍ଚ୍ଚପାଇଁ ଅଧିକ ଅର୍ଥ ବିନିଯୋଗ କରିଛନ୍ତି ଏବଂ ଅତିରିକ୍ତ ସମ୍ବଳକୁ ବିନିଯୋଗ କରି ପୁଞ୍ଜି ନିବେଶ ବୃଦ୍ଧି କରିପାରିଛନ୍ତି । 2006-07 ଆର୍ଥିକ ବର୍ଷକୁ ତୁଳନା କଲେ ଚଳିତ ବର୍ଷ ପୁଞ୍ଜି ଖର୍ଚ୍ଚ ପ୍ରାୟ 5 ଗୁଣା ବୃଦ୍ଧି ପାଇଛି, ଯାହା 7043 କୋଟି ଟଙ୍କା ଅଟେ ।

**3.6** ଅର୍ଥବ୍ୟବସ୍ଥାକୁ ଆମ ରାଜ୍ୟରେ ସତର୍କତାର ସହିତ ପରିଚାଳନା କରାଯାଇଛି । ବିଗତ ପାଞ୍ଚବର୍ଷ ମଧ୍ୟରେ ରାଜ୍ୟ ସରକାର ରିଜର୍ଭ ବ୍ୟାଙ୍କରୁ ସାଧନୋପାୟ ଅଗ୍ରୀମ ବା ଜମା ଠାରୁ ଅଧିକ ଟଙ୍କା ଉଠାଇ ନାହାନ୍ତି ।

## 4. 2012-13 ର ଆର୍ଥିକ ସ୍ଥିତି

ଆର୍ଥିକ ପରିସ୍ଥିତିରେ ମାନ୍ଦାବସ୍ଥା ସତ୍ତ୍ୱେ ମୁଁ ଏହି ପବିତ୍ର ଗୃହକୁ ସୁଚାଇଦେବାକୁ ଚାହେଁ ଯେ, ରାଜ୍ୟର ଆର୍ଥିକ ଅବସ୍ଥା ସନ୍ତୋଷ ଜନକ ରହିଛି । ଜାତୀୟ ଅର୍ଥନୀତିର ଅଭିବୃଦ୍ଧି ତୁଳନାରେ ଚଳିତ ଆର୍ଥିକ ବର୍ଷ ପାଇଁ  ରାଜ୍ୟର ଆର୍ଥିକ ଅଭିବୃଦ୍ଧିର ପ୍ରାକ୍ ଆକଳନ ଯଥେଷ୍ଟ ଅଧିକ ଅଟେ । ରାଜ୍ୟ ସରକାର ସମ୍ବଳ ସଂଗ୍ରହ ପାଇଁ ଉଦ୍ୟମ ଜାରି ରଖିଛନ୍ତି ଏବଂ ମୁଁ ନିଶ୍ଚିତ ଯେ, ଆମେ ବଜେଟ୍ ଆକଳନ  ତୁଳନାରେ ଅଧିକ ନିଜ ରାଜସ୍ୱ ଆଦାୟ କରିପାରିବୁ । ଏହାଦ୍ୱାରା ଆମେ ଏ ବର୍ଷର ଉନ୍ନୟନ ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ତୁଲାଇପାରିବୁ ଏବଂ ଆମ ଅର୍ଥ ବ୍ୟବସ୍ଥାର ବିଭିନ୍ନ ଅଗ୍ରାଧିକାର କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ କରିବାକୁ ସକ୍ଷମ ହୋଇପାରିବୁ ।

**4.1** ଚଳିତ ଆର୍ଥିକ ବର୍ଷରେ ସାମଗ୍ରୀକ ଖର୍ଚ୍ଚ ସଠିକ ଭାବରେ କରାଯାଇପାରିଛି ଏବଂ ରାଜ୍ୟ ସରକାରଙ୍କର ଆର୍ଥିକ ଦୃଢୀକରଣ ପଦକ୍ଷେପ ଦ୍ୱାରା ସମସ୍ତ ଆର୍ଥିକ ସୂଚକାଙ୍କ ଓଡିଶା ବିତ୍ତୀୟ ଉତ୍ତରଦାୟୀ ଆଇନ, 2005ର ଧାର୍ଯ୍ୟ ସୀମା ଭିତରେ ରଖାଯାଇପାରିଛି ।

## 5. 2013-14 ବଜେଟ୍ ଅଟକଳର ସାରାଂଶ

2013-14 ଆର୍ଥିକ ବର୍ଷର ବଜେଟ ଅଟକଳ ତ୍ରୟୋଦଶ ଅର୍ଥ କମିଶନଙ୍କ ସର୍ତ୍ତାବଳୀ ଯୋଜନା ଆୟୋଗଙ୍କ ସହ ଅଫିସର ସ୍ତରୀୟ ଆଲୋଚନାରେ ସ୍ଥିରୀକୃତ ହୋଇଥିବା ରାଜ୍ୟ ଯୋଜନା ଅଟକଳ ଏବଂ

ରାଜ୍ୟ ସରକାରଙ୍କର ଅଗ୍ରାଧିକାର କ୍ଷେତ୍ରକୁ ବିଚାରକୁ ନେଇ ପ୍ରସ୍ତୁତ କରାଯାଇଛି ।

**5.1** ରାଜସ୍ୱ ପ୍ରାପ୍ତିର ଅଟକଳ ପ୍ରଥମ ୨ ମାସରେ ଆଦାୟ ହୋଇଥିବା ରାଜସ୍ୱର ଅଭିବୃଦ୍ଧିକୁ ଆଧାର କରି ପ୍ରସ୍ତୁତ କରାଯାଉଛି । କେନ୍ଦ୍ରୀୟ ଟିକସର ହସ୍ତାନ୍ତର, ରାଜ୍ୟ ଯୋଜନା ପାଇଁ କେନ୍ଦ୍ରୀୟ ସହାୟତାର ପରିମାଣ ଯୋଜନା କମିଶନଙ୍କ ସହ ଅଫିସର ସ୍ତରୀୟ ଆଲୋଚନାକୁ ଆଧାରକରି ପ୍ରସ୍ତୁତ ହୋଇଅଛି ।

**5.2** କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟ ଅଂଶ, ରାଜ୍ୟର ନିଜ ଟିକସ, ଅଣ ଟିକସ ତଥା ଅଣ ଯୋଜନା କ୍ଷେତ୍ରରେ କେନ୍ଦ୍ରରୁ ମିଳୁଥିବା ଅନୁଦାନକୁ ହିସାବକୁ ନେଇ 2013-14 ଆର୍ଥିକ ବର୍ଷ ପାଇଁ ରାଜ୍ୟର ମୋଟ ରାଜସ୍ୱ ପ୍ରାପ୍ତି 51298 କୋଟି 98 ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । 2013-14 ଆର୍ଥିକ ବର୍ଷରେ ଆମ ନିଜ ଟିକସ ଓ ଅଣ ଟିକସ ରାଜସ୍ୱ 24430.00 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି, ଯାହା 2012-13 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଠାରୁ 12 ପ୍ରତିଶତ ଅଧିକ ଅଟେ । 2012-13 ଆର୍ଥିକ ବର୍ଷ ସଂଶୋଧିତ ଅଟକଳ ଅନୁସାରେ ଟିକସ/ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ (Tax/GSDP Ratio) 5.92 ପ୍ରତିଶତ ଥିବା ବେଳେ 2013-14 ଆର୍ଥିକ ବର୍ଷରେ ଏହା 6.02 ପ୍ରତିଶତ ହେବ ବୋଲି ଲକ୍ଷ୍ୟ ରଖାଯାଇଛି ।

**5.3** 2013-14 ଆର୍ଥିକ ବର୍ଷରେ ଅଣ ଯୋଜନା ଖର୍ଚ୍ଚ ପାଇଁ ମୋଟ 37958 କୋଟି 57 ଲକ୍ଷ ଟଙ୍କା ବରାଦ କାରାଯାଇଥିବା ବେଳେ ଏଥିମଧ୍ୟରୁ

ଦରମା, ସୁଧଦେୟ ଓ ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ଯଥାକ୍ରମେ 13316 କୋଟି 19 ଲକ୍ଷ ଟଙ୍କା, 6728.00 କୋଟି ଟଙ୍କା 5007 କୋଟି 86 ଲକ୍ଷ ଟଙ୍କା ଏବଂ 3591 କୋଟି 82 ଲକ୍ଷ ଟଙ୍କା ଉଦ୍ଦିଷ୍ଟ ।

**5.4** 2013-14 ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନା ଅଟକଳ 21467 କୋଟି ଟଙ୍କାରେ ସ୍ଥିରୀକୃତ ହୋଇଅଛି । ଏଥିମଧ୍ୟରୁ 19367 କୋଟି ଟଙ୍କା ସରକାରୀ କ୍ଷେତ୍ର ଏବଂ 2100 କୋଟି ଟଙ୍କା ସରକାରୀ ଉଦ୍ୟୋଗ ପାଇଁ ଉଦ୍ଦିଷ୍ଟ । ଚଳିତ ବର୍ଷ ତୁଳନାରେ 2013-14 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ 27 ପ୍ରତିଶତ ଅଧିକ ବ୍ୟୟବରାଦ ହୋଇଛି ।

**5.5** ଋଣ ପରିଶୋଧକୁ ମିଶାଇ 2013-14 ବଜେଟ୍‌ରେ ମୋଟ 60303 କୋଟି 09 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଅଣ ଯୋଜନା ପାଇଁ 37958 କୋଟି 57 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା 2012-13 ଆର୍ଥିକ ବର୍ଷର ବଜେଟ୍ ଆକଳନ ତୁଳନାରେ 10.50 ପ୍ରତିଶତ ଅଧିକ ଅଟେ । ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ଯଥାକ୍ରମେ 19367 କୋଟି ଟଙ୍କା, 1095 କୋଟି 80 ଲକ୍ଷ ଟଙ୍କା ଏବଂ 1881 କୋଟି 72 ଲକ୍ଷ ଟଙ୍କା - ଏହିପରି ମୋଟ 22344 କୋଟି 52 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା 2012-13 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ତୁଳନାରେ 22 ପ୍ରତିଶତ ଅଧିକ ଅଟେ ।

ମୁଁ ବର୍ତ୍ତମାନ 2013-14 ଆର୍ଥିକ ବର୍ଷ ବଜେଟ୍ ଅଟକଳର କେତେକ ଗୁଣାତ୍ମକ ଦିଗ ଉପରେ ଆଲୋକପାତ କରୁଛି ।

**5.6** ବିଗତ 10 ବର୍ଷ ଧରି ସରକାରୀ କ୍ଷେତ୍ରରେ ପୁଞ୍ଜି ଖର୍ଚ୍ଚ ସାମଗ୍ରୀକ ଘରୋଇ ଉତ୍ପାଦକ (GSDP) ର 1.5 ପ୍ରତିଶତ ଠାରୁ 2 ପ୍ରତିଶତ ମଧ୍ୟରେ ସୀମିତ ରହିଅଛି । ନିରବଚ୍ଛିନ୍ନ ଅଭିବୃଦ୍ଧି ବଜାୟ ରଖିବା ପାଇଁ ପୁଞ୍ଜି କ୍ଷେତ୍ରରେ ଅଧିକ ବ୍ୟୟବରାଦର ଆବଶ୍ୟକତା ରହିଛି । ଏହାକୁ ଆଖି ଆଗରେ ରଖି 2012-13 ଆର୍ଥିକ ବର୍ଷ ବଜେଟ୍‌ର ସଂଶୋଧିତ ଅଟକଳରେ ପୁଞ୍ଜି ନିବେଶ ପାଇଁ 25 ପ୍ରତିଶତ ଅଧିକ ବ୍ୟୟବରାଦ କରାଯାଇଛି । ଏହି ଅଧିକ ବ୍ୟୟବରାଦ ଦ୍ୱାରା ପୁଞ୍ଜି ଖର୍ଚ୍ଚ ଘରୋଇ ଉତ୍ପାଦ (GSDP) ର ପ୍ରାୟ 3 ପ୍ରତିଶତକୁ ବୃଦ୍ଧି ପାଇବ ।

**5.7** ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ପାଇଁ ବ୍ୟୟବରାଦ 3123 କୋଟି 32 ଲକ୍ଷ ଟଙ୍କାରୁ 3591 କୋଟି ୪2 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି; ଯାହା ପୂର୍ବ ବର୍ଷ ତୁଳନାରେ ପ୍ରାୟ 15 ପ୍ରତିଶତ ଅଧିକ ଅଟେ ।

**5.8** ସାମାଜିକ ଓ ଅର୍ଥନୈତିକ ଉନ୍ନତି ହାସଲ ପାଇଁ ତଥା ସାମାଜିକ ଓ ଅର୍ଥନୈତିକ ସେବାରେ ଅଗ୍ରାଧିକାର ଭିତ୍ତିରେ ବ୍ୟୟବରାଦ ସରକାରୀ ଖର୍ଚ୍ଚ ପରିଚାଳନାର ଏକ ମୁଖ୍ୟ ଲକ୍ଷ୍ୟ ଅଟେ । ଆମେ ବିଗତ କିଛି ବର୍ଷ ଧରି ଉନ୍ନୟନ ପାଇଁ ଅଧିକ ବ୍ୟୟବରାଦ କରିଆସୁଛୁ । ଫଳତଃ 2006-07 ଆର୍ଥିକ ବର୍ଷରେ ଉନ୍ନୟନ ମୂଳକ ଖର୍ଚ୍ଚ ମୋଟ ଖର୍ଚ୍ଚର 55 ପ୍ରତିଶତ ଥିବା ବେଳେ 2013-14 ଆର୍ଥିକ ବର୍ଷର ବଜେଟ୍ ଅଟକଳ ଅନୁସାରେ ଏହା ପ୍ରାୟ 70 ପ୍ରତିଶତକୁ ବୃଦ୍ଧି ପାଇଛି ।

**5.9** କିଛି ବର୍ଷ ଧରି ପୁଞ୍ଜି ବିନିଯୋଗ ବୃଦ୍ଧି ହେତୁ ଯୋଜନା ଅଟକଳ ବୃଦ୍ଧି ପାଇବାରେ ଲାଗିଛି । ଯୋଜନା ଓ ଅଣଯୋଜନା ଅନୁପାତ 2006-07 ଆର୍ଥିକ ବର୍ଷରେ 27 ପ୍ରତିଶତ ଥିବାବେଳେ 2013-14 ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇ 59 ପ୍ରତିଶତରେ ପହଞ୍ଚିଛି ।

**5.10** 2013-14 ଆର୍ଥିକ ବର୍ଷ ପାଇଁ ଆକଳିତ ବ୍ୟୟବରାଦ ରାଜସ୍ୱ ପ୍ରାପ୍ତିରୁ 51298 କୋଟି 98 ଲକ୍ଷ ଟଙ୍କା, ସରକାରୀ ଋଣ ଓ ଅଗ୍ରୀମ ପରିଶୋଧରୁ 240 କୋଟି 29 ଲକ୍ଷ ଟଙ୍କା ଏବଂ ଋଣ ସମେତ ଅନ୍ୟାନ୍ୟ ପ୍ରାପ୍ତିରୁ ମିଳିବାକୁ ଥିବା 8763 କୋଟି 82 ଲକ୍ଷ ଟଙ୍କାରୁ ଭରଣା କରାଯିବ । 2013-14 ଆର୍ଥିକ ବର୍ଷରେ ରାଜ୍ୟ ନିଟ୍ ଋଣ ପରିମାଣ 4985 କୋଟି 60 ଲକ୍ଷ ଟଙ୍କାରେ ଆକଳିତ ହୋଇଛି; ଯାହା ସାମଗ୍ରୀକ ଘରୋଇ ଉତ୍ପାଦ (GSDP)ର ମାତ୍ର 1.71 ପ୍ରତିଶତ ଅଟେ । ଏହା ସୂଚୀତ କରୁଛି ଯେ ଋଣ ଉପରେ ରାଜ୍ୟର ନିର୍ଭରଶୀଳତା ହ୍ରାସ ପାଉଛି ।

## 6. କ୍ଷେତ୍ରୀୟ ବ୍ୟୟ ବରାଦର ମୁଖ୍ୟାଂଶ

ସମସ୍ତ ବିଭାଗ ପାଇଁ ଅଧିକ ବ୍ୟୟ ବରାଦ କରାଯାଇଥିଲେ ମଧ୍ୟ ସବୁ ବିଭାଗର ବ୍ୟୟ ବରାଦ ଉପରେ ଆଲୋକପାତ କରି ମୁଁ ଗୃହର ଅଧିକ ସମୟ ନେବାକୁ ଚାହୁଁନାହିଁ । ବର୍ତ୍ତମାନ କେବଳ କିଛି ପ୍ରମୁଖ କ୍ଷେତ୍ରରେ ହୋଇଥିବା ବ୍ୟୟ ବରାଦ ସମ୍ପର୍କରେ ସୂଚାଇ ଦେବାକୁ ଯାଉଛି ।

## 6.1 ସାମାଜିକ ସେବା

### 6.1.1 ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଉଭୟ ଯୋଜନା ଓ ଅଣଯୋଜନାକୁ ମିଶାଇ 2192କୋଟି 18 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି, ଯାହା ଚଳିତ ବର୍ଷ କରାଯାଇଥିବା ବ୍ୟୟ ବରାଦଠାରୁ 21 ପ୍ରତିଶତ ଅଧିକ ଅଟେ । ରୋଗୀଙ୍କ ସେବା ପାଇଁ ହେଉଥିବା ବ୍ୟୟକୁ ହ୍ରାସ କରିବାପାଇଁ ସରକାରୀ ହାସପତାଳରେ ଔଷଧ ଯୋଗାଇ ଦେବା ନିମନ୍ତେ ଅଧିକ ବ୍ୟୟ ବରାଦ କରାଯାଇଛି ।

- **ସାର୍ବଜନୀନ ମାଗଣା ଔଷଧ ବଣ୍ଟନ** (Universal Free Distribution of Medicine) ରାଜ୍ୟ ସରକାର ନାଗରିକ ମାନଙ୍କୁ ଓଡିଶା ରାଜ୍ୟ ସ୍ୱାସ୍ଥ୍ୟ ସେବା ନିଗମ ମାଧ୍ୟମରେ ମାଗଣାରେ ଔଷଧ ଯୋଗାଇଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ନିଗମ ପ୍ରତିଷ୍ଠା ପାଇଁ ପ୍ରାରମ୍ଭିକ ପୁଞ୍ଜି ଭାବେ (paid up capital) 5 କୋଟି ଟଙ୍କା ଯୋଗାଇ ଦିଆଯାଇଛି । 2012-13 ଆର୍ଥିକ ବର୍ଷରେ ଔଷଧ କ୍ରୟ ପାଇଁ 104 କୋଟି 56 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ 2013-14 ଆର୍ଥିକ ବର୍ଷରେ ଏହାକୁ 202 କୋଟି 56 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।
- **ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି** : ରାଜ୍ୟ ସରକାର ନିକଟ ଅତୀତରେ ଗରିବ ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଇଦେବା ଉଦ୍ଦେଶ୍ୟରେ ଆରମ୍ଭ କରିଥିବା ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି ପାଇଁ 10 କୋଟି

ଟଙ୍କା ବ୍ୟୟବରାଦ କରିଛନ୍ତି । ଗରିବ ରୋଗୀଙ୍କୁ ସର୍ବୋଚ୍ଚ 3 ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାପାଇଁ ସ୍ଥିର ହୋଇଛି ।

- **ସରକାରୀ ଭେଷଜ ମହାବିଦ୍ୟାଳୟରେ ସ୍ଥାନ ସଂଖ୍ୟା ବୃଦ୍ଧି** : ରାଜ୍ୟରେ ଡାକ୍ତରଙ୍କ ଅଭାବ ପୂରଣ ପାଇଁ ସରକାର 3ଟି ଭେଷଜ ମହାବିଦ୍ୟାଳୟରେ ସ୍ନାତକ ସ୍ତରରେ (Under Graduate) ସ୍ଥାନ ସଂଖ୍ୟା 150 ରୁ 250 ହାରରେ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ ନିମନ୍ତେ 2012-13 ଆର୍ଥିକ ବର୍ଷରେ 32 କୋଟି 30 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲାବେଳେ 2013-14 ଆର୍ଥିକ ବର୍ଷରେ 91 କୋଟି ଟଙ୍କା ବ୍ୟୟବରାଦ ହୋଇଛି ।

- **ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ ପାଇଁ ରାଜ୍ୟ ଅଂଶ** : ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଯୋଜନା ପାଇଁ ରାଜ୍ୟ ଅଶଂ ବାବଦରେ 200 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- **ଗୃହ ନିର୍ମାଣ ପାଇଁ ବ୍ୟୟ ବରାଦ** : ଭେଷଜ ମହାବିଦ୍ୟାଳୟ ମାନଙ୍କରେ ଭିତ୍ତିଭୂମି ଉନ୍ନୟନ, କର୍ମଚାରୀଙ୍କ ଗୃହ ନିର୍ମାଣ ଏବଂ ଉପକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଗୃହ ନିର୍ମାଣ ନିମନ୍ତେ ତ୍ରୟୋଦଶ ଅର୍ଥ କମିଶନଙ୍କ ଅନୁଦାନକୁ ମିଶାଇ 260 କୋଟି 95 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଅଛି, ଯାହା ଚଳିତ ବର୍ଷର ବ୍ୟୟବରାଦ ପରିମାଣ ଠାରୁ 163 ପ୍ରତିଶତ ଅଧିକ ଅଟେ ।

- **ବହିଃ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ** : ଓଡିଶା ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରକଳ୍ପ ପାଇଁ 40 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ସାଧାରଣ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥାର ଉନ୍ନତି ପାଇଁ ଉଦ୍ଦିଷ୍ଟ ।

- **ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା** : ସ୍ୱାସ୍ଥ୍ୟ ସୂଚନା ବ୍ୟବସ୍ଥାର ଉନ୍ନତି ପାଇଁ ସରକାର 2013-14 ଆର୍ଥିକ ବର୍ଷଠାରୁ ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା ପ୍ରଚଳନ କରିବାପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ରାଜ୍ୟ ଯୋଜନାରେ 2013-14 ଆର୍ଥିକ ବର୍ଷ ପାଇଁ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- **ମୋ ମଶାରୀ ଯୋଜନା** : 2012-13 ଆର୍ଥିକ ବର୍ଷରୁ 4 କୋଟି ଟଙ୍କା ବ୍ୟୟ ବରାଦରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ଏହି ଯୋଜନାକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରିବାପାଇଁ ବ୍ୟୟବରାଦକୁ 10 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

### 6.1.2 ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ :

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ 2012-13 ଆର୍ଥିକ ବର୍ଷରେ ମୋଟ୍ ବ୍ୟୟବରାଦ 6525 କୋଟି 40 ଲକ୍ଷ ଟଙ୍କା ଥିଲାବେଳେ 2013-14 ଆର୍ଥିକ ବର୍ଷରେ ଏହାକୁ 7142 କୋଟି 83 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଅଛି । ସବୁ ବିଭାଗ ମଧ୍ୟରୁ ଏହି ବିଭାଗରେ ଅଧିକ ବ୍ୟୟବରାଦ କରାଯାଇଛି, ଯାହା ମୋଟ୍ ବ୍ୟୟବରାଦର ପ୍ରାୟ 12 ପ୍ରତିଶତ ଅଟେ ।

- ସର୍ବଶିକ୍ଷା ଅଭିଯାନର ରାଜ୍ୟ ଅଂଶ ବାବଦରେ 2012-13 ଆର୍ଥିକ ବର୍ଷରେ 505 କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ 2013-14 ଆର୍ଥିକ ବର୍ଷ ବଜେଟ୍‌ରେ ଏଥିପାଇଁ 650 କୋଟି ଟଙ୍କାର ପ୍ରସ୍ତାବ ଅଛି ।

- ଚଳିତ ବର୍ଷ ବଜେଟ୍‌ରେ ଦଶମ ଶ୍ରେଣୀ ଅଧ୍ୟୟନରତ ଛାତ୍ରୀ, ବିଭିନ୍ନ ବିଦ୍ୟାଳୟରେ ଅନୁସୂଚୀତ ଜନଜାତି ଓ ଜାତି ଛାତ୍ର /ଛାତ୍ରୀ ଏବଂ ଅନୁସୂଚୀତ ଜନଜାତି ଓ ଜାତି ବିଭାଗ ଅଧୀନରେ ଥିବା ବିଦ୍ୟାଳୟର ଛାତ୍ର / ଛାତ୍ରୀ ମାନଙ୍କପାଇଁ ବାଇସାଇକଲ୍ ଯୋଗାଣ ନିମନ୍ତେ 45 କୋଟି ଟଙ୍କାର ବ୍ୟୟବରାଦ ଥିଲାବେଳେ 2013-14 ଆର୍ଥିକ ବର୍ଷରେ ଏଥିପାଇଁ 125 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ପାଇଁ ରାଜ୍ୟ ଅଂଶ ବାବଦରେ 110 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଅନଗ୍ରସର ଜିଲ୍ଲା, ବିଶେଷ ଭାବେ ଅନୁସୂଚୀତ ଜନଜାତି ପ୍ରବଣ ଜିଲ୍ଲାରେ “ଆର୍ଦଶ ବିଦ୍ୟାଳୟ” ସ୍ଥାପନ ନିମନ୍ତେ 42 କୋଟି 95 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଚଳିତ ବର୍ଷ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଅଂଶ ବାବଦରେ 160 କୋଟିର ବ୍ୟୟବରାଦ ହୋଇଥିବା ବେଳେ 2013-14 ଆର୍ଥିକ ବର୍ଷରେ ଏହାକୁ 215 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

- 2013-14 ଆର୍ଥିକ ବର୍ଷରେ ସମ୍ବଲପୁରରେ 2ୟ ସୈନିକ ସ୍କୁଲ୍ ନିର୍ମାଣ ପାଇଁ ସରକାର 15 କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରଖିଛନ୍ତି ।
- କନ୍ଧମାଳ ଜିଲ୍ଲାରେ ଶିକ୍ଷକମାନଙ୍କ ପ୍ରଶିକ୍ଷଣ ପାଇଁ ବି.ଏଡ୍. କଲେଜ ନିମନ୍ତେ 1 କୋଟି 20 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।
- ଶିକ୍ଷା ପ୍ରତି ଅଧିକାର - ସର୍ବଶିକ୍ଷା ଅଭିଯାନ ଧାରାରେ ପ୍ରାଥମିକ ସ୍ତରରେ ଛାତ୍ର ଶିକ୍ଷକ ଅନୁପାତକୁ କାଏମ୍ ରଖିବା ପାଇଁ 14757 ଶିକ୍ଷା କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି ।

### 6.1.3 ଉଚ୍ଚ ଶିକ୍ଷା ବିଭାଗ

ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 2013-14 ଆର୍ଥିକ ବର୍ଷ ପାଇଁ ଉଚ୍ଚଶିକ୍ଷା ନିମନ୍ତେ 1449 କୋଟି 50 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- **ଉଚ୍ଚ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ଗୁଣାତ୍ମକ ମାନବୃଦ୍ଧି ଓ ସାମଗ୍ରୀକ ଉପସ୍ଥାନ ଅନୁପାତ ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରନ୍ତି । ଏହାକୁ ଆଖି ଆଗରେ ରଖି 2013-14 ଆର୍ଥିକ ବର୍ଷରେ ନୂଆ ଯୋଜନା ପ୍ରଣୟନ ପୂର୍ବକ ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସାମଗ୍ରୀକ ଉନ୍ନତି ନିମନ୍ତେ ଆବଶ୍ୟକୀୟ ବ୍ୟୟବରାଦ କରିଛନ୍ତି । ଏହି ଦୁଇଟି ନୂଆ ଯୋଜା ପାଇଁ**

**ଯଥାକ୍ରମେ 49 କୋଟି 12 ଲକ୍ଷ ଟଙ୍କା ଏବଂ 51 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।**

- ବାତ୍ୟା ଓ ମରୁଡି ପ୍ରପୀଡିତ ଅଞ୍ଚଳରେ ଟିଉସନ ଓ ପରିକ୍ଷା ଫିସ୍ ଛାଡ ପାଇଁ 1 କୋଟି 50 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ବୃତ୍ତିଗତ ପାଠ୍ୟକ୍ରମ ପାଇଁ ବୃତ୍ତି ଓ ଅନ୍ୟାନ୍ୟ ବୃତ୍ତି ପାଇଁ ଯଥାକ୍ରମେ 19 କୋଟି 50 ଲକ୍ଷ ଏବଂ 6 କୋଟି 03 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ବେସରକାରୀ ସାହାଯ୍ୟ ପ୍ରାପ୍ତ ମହାବିଦ୍ୟାଳୟମାନଙ୍କୁ ଅନୁଦାନ ପାଇଁ 830 କୋଟି 17 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।
- ବିଶ୍ୱ ବିଦ୍ୟାଳମାନଙ୍କୁ ଅନୁଦାନ ନିମନ୍ତେ 162 କୋଟି 34 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ଗୁଣାତ୍ମକ ଶିକ୍ଷାର ଆଧୁନିକୀ କରଣପାଇଁ ଏକ ନୂତନ ଯୋଜନା ପ୍ରଣୟନ କରାଯାଇଛି ଏହଂ ଏଥିପାଇଁ ବଜେଟ୍‌ରେ 20 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ସ୍ୱଳ୍ପ ଉପସ୍ଥାନ ଅନୁପାତ ଥିବା ବିଭିନ୍ନ ଜିଲ୍ଲାରେ ସରକାରୀ ମହାବିଦ୍ୟାଳୟ ଖୋଲିବା ପାଇଁ ରାଜ୍ୟ ଅଂଶ ବାବଦରେ 18 କୋଟି 60 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

## 6.1.4 ପଞ୍ଚାୟତି ରାଜ ବିଭାଗ

ଏହି ବିଭାଗରେ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ଚଳିତ ବର୍ଷ 2563 କୋଟି ୫3 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଆଗାମୀ ବର୍ଷ ପାଇଁ 321୫ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ବ୍ୟୟବରାଦ ପରିମାଣ 26 ପ୍ରତିଶତ ଅଧିକ ଅଟେ ।

- ତ୍ରୟୋଦଶ ଅର୍ଥ କମିଶନଙ୍କ ଅନୁମୋଦନ କ୍ରମେ ପଞ୍ଚାୟତ ରାଜ ସଂସ୍ଥାକୁ ଅନୁଦାନ ବାବଦରେ 747 କୋଟି ୨1 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଚଳିତ ବର୍ଷର ବ୍ୟୟବରାଦ ତୁଳନାରେ ଏହା 16 ପ୍ରତିଶତ ଅଧିକ ଅଟେ ।
- ତୃତୀୟ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁମୋଦନ କ୍ରମେ ପଞ୍ଚାୟତିରାଜ ସଂସ୍ଥାକୁ ସହାୟତା ନିମନ୍ତେ ବଜେଟ୍‌ରେ 706 କୋଟି 44 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ଗୋପବନ୍ଧୁ ଗ୍ରାମୀଣ ଯୋଜନା ପାଇଁ ବ୍ୟୟବରାଦ 165 କୋଟି ଟଙ୍କାରୁ 225 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।
- 20 ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ପାଇଁ 350 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ପରିବାରଙ୍କୁ ଇନ୍ଦିରା ଆବାସ ଯୋଜନାରେ ଗୃହ ଯୋଗାଇ ଦେବାପାଇଁ 164 କୋଟି 3 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- "ମୋ କୁଡିଆ" ଯୋଜନା ପାଇଁ 100 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ବିଶ୍ୱ ବ୍ୟାଙ୍କ ସହାୟତାରେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ତୃପ୍ତି (Targeted Rural Initiative for Poverty Termination and Infrastructure) ପାଇଁ 52 କୋଟି 50 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମ୍ୟ କର୍ମ ନିଯୁକ୍ତି ଯୋଜନା ପାଇଁ ରାଜ୍ୟ ଅଂଶ ବାବଦରେ 164 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ 10 ଲକ୍ଷ ଟଙ୍କା ବ୍ୟୟରେ ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଏକ ନୂତନ ଯୋଜନା ପ୍ରଣୟନ କରାଯାଇଛି, ଏଥିପାଇଁ ଉଭୟ ରାଜ୍ୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ପ୍ରତି ପଞ୍ଚାୟତ ପିଛା ଯଥାକ୍ରମେ ୫ ଲକ୍ଷ ଟଙ୍କା ଓ 2 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ତଦନୁସାରେ ଏହି ଯୋଜନା ପାଇଁ ରାଜ୍ୟ ଯୋଜନାରେ 49୫ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ଗ୍ରାମ ପଞ୍ଚାୟତ ରାସ୍ତା ଏବଂ ଅଣ ଆବାସିକ ଗୃହର ମରାମତି ପାଇଁ ଯଥାକ୍ରମେ 60 କୋଟି ଟଙ୍କା ଓ 7 କୋଟି 50 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- "ଆମ ଆଦ୍‌ମୀ ବୀମା ଯୋଜନା" ରେ ଭୂମିହୀନ କୃଷି ଶ୍ରମିକଙ୍କୁ ଜୀବନ ବୀମା ପରିସର ଭୁକ୍ତ କରିବାପାଇଁ 5 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଯୋଜନାରେ 5 ଲକ୍ଷ ହିତାଧିକାରୀ ଉପକୃତ ହେଉଛନ୍ତି ।
- "ଗ୍ରାମ ସଶକ୍ତିକରଣ କାର୍ଯ୍ୟକ୍ରମ" ନାମରେ ଏକ ନୂତନ ଯୋଜନା ପ୍ରଣୟନ କରାଯାଇ 1 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

### 6.1.5 ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

ଏହି ବିଭାଗରେ ଚଳିତ ବର୍ଷ ପାଇଁ 1605 କୋଟି 71 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ, ଆଗାମୀ ବର୍ଷ ପାଇଁ ବ୍ୟୟବରାଦ ପରିମାଣ 1964 କୋଟି 3 ଲକ୍ଷ ଟଙ୍କା ଅଟେ । ଏହି ବୃଦ୍ଧି 22 ପ୍ରତିଶତ ଅଟେ ।

- ଅଣ ଯୋଜନା କ୍ଷେତ୍ରରେ ପ୍ରାକ ମାଟ୍ରିକ୍ ବୃତ୍ତି ପାଇଁ 265 କୋଟି ୫୨ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- 116୫ଟି ଅନୁସୂଚିତ ଜନଜାତି ଛାତ୍ରାବାସ / ଛାତ୍ରୀ ନିବାସ ସମ୍ପୂର୍ଣ୍ଣ କରିବାପାଇଁ ଏବଂ ୨00 ନୂଆ ଛାତ୍ରାବାସ / ଛାତ୍ରୀ ନିବାସ ନିର୍ମାଣ ପାଇ ରାଜ୍ୟ ଯୋଜନାରେ 230 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି ।
- ରାଜ୍ୟ ଯୋଜନାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗରେ ଥିବା ସ୍କୁଲର କର୍ମଚାରୀ ମାନଙ୍କର ବାସ ଗୃହ ନିର୍ମାଣ ଓ

ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଉନ୍ନୟନ ପାଇଁ 111 କୋଟି 21 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଅଛି ।

- କେ.ବି.କେ. ଜିଲ୍ଲାରେ ସ୍ୱତନ୍ତ୍ର ଯୋଜନା ପାଇଁ 59 କୋଟି 57 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି; ଯାହା ଚଳିତ ବର୍ଷର ବ୍ୟୟ ବରାଦ ତୁଳନାରେ ଏହା 113 ପ୍ରତିଶତ ଅଧିକ ଅଟେ ।

- ଅନୁସୂଚିତ ଜନଜାତି ଅଞ୍ଚଳ ଉପଯୋଜନାରେ ଅନୁସୂଚିତ ଜନଜାତି ଲୋକଙ୍କ ପାଇଁ ବିଭିନ୍ନ ରୋଜଗାର ଅର୍ଜନକାରି ଯୋଜନା ପ୍ରଚଳନ କରାଯାଇଛି, ଏଥିପାଇଁ ରାଜ୍ୟ ଯୋଜନାରେ 140 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଚଳିତ ବର୍ଷର ବ୍ୟୟ ବରାଦ ତୁଳନାରେ ଏହା 12 ପ୍ରତିଶତ ଅଧିକ ଅଟେ ।

- ଭାରତୀୟ ସମ୍ବିଧାନର 275 (1) ଧାରା ଅନୁସାରେ ଅନୁସୂଚିତ ଜନଜାତି ଉପ ଯୋଜନା ଅଞ୍ଚଳରେ ଭିତ୍ତିଭୂମି ଉନ୍ନୟନ ପାଇଁ ରାଜ୍ୟ ଯୋଜନାରେ 155 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଏହି ବିଭାଗ ଅଧୀନରେ ଅଣ ଯୋଜନା କ୍ଷେତ୍ରରେ ସ୍କୁଲ, ଛାତ୍ରାବାସ/ ଛାତ୍ରୀନିବାସ ଓ ସରକାରୀ କର୍ମଚାରୀଙ୍କ ଗୃହର ପରିଚାଳନା ଏବଂ ମରାମତି ପାଇଁ 43 କୋଟି 50 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

## 6.1.6 ମହିଳା ଓ ଶିଶୁ କଲ୍ୟାଣ ବିଭାଗ

ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 3358 କୋଟି 22 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି, ଯାହା ଚଳିତ ବର୍ଷ ବ୍ୟୟବରାଦ ତୁଳନାରେ 24 ପ୍ରତିଶତ ଅଟେ ।

- **ସାମାଜିକ ନିରାପତ୍ତା ପେନ୍‌ସନ୍ ଯୋଜନା** : ବୃଦ୍ଧ ଓ ବୃଦ୍ଧା, ଭିନ୍ନକ୍ଷମ ଓ ମହିଳାମାନଙ୍କ ସାମାଜିକ ନିରାପତ୍ତା ଉଦ୍ଦେଶ୍ୟରେ ପେନ୍‌ସନ୍ ପ୍ରଦାନ କରାଯାଉଛି । ଏଥିପାଇଁ 2013-14 ଆର୍ଥିକ ବର୍ଷ ବଜେଟ୍‌ରେ 1149 କୋଟି 48 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଏହା ଚଳିତ ବର୍ଷର ବ୍ୟୟବରାଦ ତୁଳନାରେ 25.18 ପ୍ରତିଶତ ଅଧିକ ଅଟେ ।
- **ମମତା** : ଗର୍ଭବତୀ ମହିଳାମାନଙ୍କୁ ଗର୍ଭାବସ୍ଥାରେ ଓ ପ୍ରସୂତୀ ପରେ ସେମାନେ ହରାଉଥିବା ମଜୁରୀର ଆଂଶିକ ଭରଣା କରିବାପାଇଁ ଏକ ସର୍ତ୍ତ ମୂଳକ ଅର୍ଥ ରାଶି ହସ୍ତାନ୍ତର ଯୋଜନା ପ୍ରଣୟନ କରାଯାଇଛି । ଏଥିପାଇଁ 2013-14 ଆର୍ଥିକ ବର୍ଷ ବଜେଟରେ 222.63 କୋଟି ଟଙ୍କା ବ୍ୟବୟବରାଦ କରାଯାଇଛି ।
- **ଅତିରିକ୍ତ ପୃଷ୍ଟି ଯୋଜନା**:ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଅତିରିକ୍ତି ପୃଷ୍ଟି କାର୍ଯ୍ୟପାଇଁ 560.00 କୋଟି ଟଙ୍କା ବ୍ୟବୟବରାଦ କରାଯାଇଛି ।

- **ଜାତୀୟ ପରିବାର ସୁବିଧା ଯୋଜନା** : ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ମୁଖ୍ୟ ବ୍ୟକ୍ତିଙ୍କର ମୃତ୍ୟୁ ପାଇଁ ପରିବାରକୁ 10 ହଜାର ଟଙ୍କାର ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ରଖାଯାଇଛି । ଏଥିପାଇଁ ରାଜ୍ୟ ଯୋଜନାରେ 30 କୋଟି 50 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- **ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା** : ମହିଳା ସଶକ୍ତି କରଣ ନିମନ୍ତେ 2001 ମସିହାରୁ ଆରମ୍ଭ ହୋଇଥିବା ଅନନ୍ୟ ଉଦ୍ୟମ ମିଶନ ଶକ୍ତିରେ ଅଦ୍ୟାବଧି 4 ଲକ୍ଷ ୫0 ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓଡିଶାରେ କାର୍ଯ୍ୟରତ ଥିବାବେଳେ 5୫ ଲକ୍ଷ ମହିଳା ସଦସ୍ୟାଭୁକ୍ତ ହୋଇଛନ୍ତି । ମହିଳାମାନଙ୍କୁ ଅଧିକ ପ୍ରେରଣା ଯୋଗାଇଦେବାପାଇଁ ମିଶନ ଶକ୍ତି ଅଧୀନରେ ଉଭୟ ନଗରାଞ୍ଚଳ ଓ ଗ୍ରାମାଞ୍ଚଳରେ କାର୍ଯ୍ୟକରୁଥିବା ଆଉ 1 ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀକୁ 2013-14 ଆର୍ଥିକ ବର୍ଷରେ 10 ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କିରିବାପାଇଁ ପ୍ରସ୍ତାବ ରହିଛି । ଏଥିପାଇଁ ବଜେଟରେ 100 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି ସହାୟତା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀମାନେ ସରଞ୍ଜାମ କିଣିପାରିବେ; ଯଦ୍ୱାରା ସେମାନଙ୍କର ଶ୍ରମ ଲାଘବ ହେବ । ଏହାଦ୍ୱାରା ଯେଉଁ ସମୟ ସେମାନେ ସଞ୍ଚୟ କରିପାରିବେ, ସେଥିରେ ନିଜର ଦକ୍ଷତା ବୃଦ୍ଧିପାଇଁ ବିଭିନ୍ନ ରୋଜଗାର କ୍ଷମ ଯୋଜନାରେ ସାମିଲ ହୋଇପାରିବେ । ଏହା ଦ୍ୱାରା ସ୍ୱୟଂ ସହାୟାକ ଗୋଷ୍ଠୀର ଦକ୍ଷତା ବୃଦ୍ଧି ହେବ ଏବଂ ସେମାନେ ଆତ୍ମ ନିର୍ଭରଶୀଳ ହେବେ ।

- **ପେନସନ୍ ଭୋଗୀଙ୍କୁ ଶୀତ ବସ୍ତ୍ର ପ୍ରଦାନ -** ରାଜ୍ୟର ସବୁ ପେନସନ୍ ଭୋଗୀଙ୍କୁ 2013-14 ଆର୍ଥିକ ବର୍ଷରେ 200 ଟଙ୍କା ହାରରେ ଶୀତ ବସ୍ତ୍ର ପାଇଁ ଭତ୍ତା ଦେବାର ପ୍ରସ୍ତାବ ଅଛି । ଏଥିପାଇଁ ବଜେଟ୍ ରେ 72 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- **ଅଙ୍ଗନବାଡି କେନ୍ଦ୍ର ନିର୍ମାଣ -** 0 - 6 ବୟସର ଶିଶୁ, ଗର୍ଭବତୀ ମହିଳା ଓ ସ୍ତନ୍ୟଦାନ କରୁଥିବା ମା ମାନଙ୍କ ସୁରକ୍ଷା ପାଇଁ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ନିମନ୍ତେ ରାଜ୍ୟ ଯୋଜନାରେ 2013-14 ଆର୍ଥିକ ବର୍ଷ ପାଇଁ 70 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

### 6.1.7 ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ

ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର ରାଜ୍ୟ ଅଂଶ ବାବଦରେ ରାଜ୍ୟ ଯୋଜନାରେ 20 କୋଟି ଟଙ୍କା ବ୍ୟୟବରାଦ ସମେତ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ୧୨ କୋଟି 73 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

### 6.1.୫ ନିଯୁକ୍ତି ଏବଂ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ

ଏହି ବିଭାଗ ବଜେଟ୍‌ରେ ଉଭୟ ଯୋଜନା ଓ ଅଣ ଯୋଜନା ପାଇଁ 455 କୋଟି ୫6 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ବିଭାଗ ରାଜ୍ୟ ଯୋଜନାରେ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଯାନ୍ତ୍ରୀକ ମହାବିଦ୍ୟାଳୟ ଏବଂ ଆଇ.ଟି.ଆଇ ଗୁଡିକ ଏବଂ କୁଶଳୀ ଉନ୍ନୟନ କେନ୍ଦ୍ରର ଜଟିଳ ତାରତମ୍ୟ ଭିତ୍ତିଭୂମିର ସହାୟତା ପାଇଁ ଉଦ୍ଦିଷ୍ଟ ।

- ରାଜ୍ୟରେ ଗୁଣାତ୍ମକ ବୈଷୟିକ ଶିକ୍ଷାର ଉନ୍ନତି ପାଇଁ ନୂତନ ଭାବେ ଦୁଇଟି ଯୋଜନା ଯଥା ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଯାନ୍ତ୍ରୀକ ମହାବିଦ୍ୟାଳୟ ଏବଂ ପଲିଟେକନିକ୍ ର ଭିତ୍ତୀଭୂମି ଯୋଜନା ପ୍ରଣୟନ କରାଯାଇଛି । ଏଥି ପାଇଁ ବଜେଟ୍ ରେ ଯଥାକ୍ରମେ 53 କୋଟି 50 ଲକ୍ଷ ଏବଂ 15 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- **ଶିଳ୍ପୀ ପ୍ରଶିକ୍ଷଣ** - ବିଦ୍ୟମାନ ଏବଂ ନୂଆ ଆଇଟିଆଇ ଓ କୁଶଳୀ ଉନ୍ନୟନ କେନ୍ଦ୍ର ରେ ପୁଞ୍ଜି ଖର୍ଚ୍ଚ ପାଇଁ 37 କୋଟି 79 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ପିଲାଙ୍କ ପାଇଁ ବାରଙ୍ଗ ଠାରେ ସ୍ୱତନ୍ତ୍ର ଆଇଟିଆଇ ନିର୍ମାଣ, ଚାଲୁରହିଥିବା 5 ଟି  ଆଇଆଇଟି ଏବଂ 5 ଟି ନକ୍ସଲ ପ୍ରବଣ ଜିଲ୍ଲା ଯଥା - ଦେଓଗଡ, ଗଜପତି, ସମ୍ବଲପୁର, ରାୟଗଡା, ମାଲକାନଗିରିରେ କୁଶଳୀ ଉନ୍ନୟନ କେନ୍ଦ୍ରର ଭିତ୍ତିଭୂମି ଉନ୍ନୟନ ପାଇଁ ରାଜ୍ୟ ଅଂଶ ବାବଦରେ 4 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## 6.2 ଆର୍ଥିକ ସେବା

### 6.2.1 ଜଙ୍ଗଲ ଓ ପରିବେଶ ବିଭାଗ

ରାଜ୍ୟ ଯୋଜନା କ୍ଷେତ୍ରରେ ଅଟକଳର 315 କୋଟି 44 ଲକ୍ଷ ଟଙ୍କା ସମେତ 2013-14 ଆର୍ଥିକ ବର୍ଷରେ 665 କୋଟି 19 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ବହିଃ ସାହାଯ୍ୟ ପ୍ରାପ୍ତ ଓଡିଶା ଜଙ୍ଗଲ ଉନ୍ନୟନ ପ୍ରକଳ୍ପ ଜରିଆରେ ଜଙ୍ଗଲ ବାହାରେ ବନୀକରଣ ଏବଂ ବୃକ୍ଷ ରୋପଣ ପାଇଁ ମଞ୍ଜି ବଣ୍ଟନ ପାଇଁ ୨0 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଓଡିଶା ଜଳବାୟୁ ପରିବର୍ତ୍ତନ କାର୍ଯ୍ୟଯୋଜନା ଉପରେ ଏକ ସମନ୍ୱିତ କାର୍ଯ୍ୟକ୍ରମ ଗ୍ରହଣକରିବାରେ ପ୍ରଥମ ରାଜ୍ୟଅଟେ । ଅନ୍ୟାନ୍ୟ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ବନୀକରଣ ଦ୍ୱାରା ପରିବେଶ ପରିବର୍ତ୍ତନର ବିପଦରୁ ରକ୍ଷାକରିବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ । ସେଥିପାଇଁ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ବ୍ୟାପକ ସବୁଜ ବଳୟ ସୃଷ୍ଟି କରିବା ଲକ୍ଷ୍ୟ କାର୍ଯ୍ୟକ୍ରମ ରହିଛି । ସବୁ ଚାଲୁରହିଥିବା ଯୋଜନାକୁ ଏକତ୍ର କରି ଏହି କାର୍ଯ୍ୟକ୍ରମ ଆଗେଇ ନେବାପାଇଁ ରାଜ୍ୟ ଯୋଜନାରେ 35 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ କରାଯାଇଛି ।

- ରାଜ୍ୟରେ ହସ୍ତୀ ଅଳିନ୍ଦର ଉନ୍ନୟନ ଓ ପରିଚାଳନା ପାଇଁ 2013-14 ଆର୍ଥିକ ବର୍ଷ ବଜେଟ୍‌ରେ 5 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

- କେନ୍ଦୁପତ୍ର ତୋଳାଳୀଙ୍କୁ ସୁବିଧା ଯୋଗାଇଦେବାପାଇଁ 2013 ମସିହାରେ କେନ୍ଦୁପତ୍ର ସଂଗ୍ରହ ମୂଲ୍ୟ 20 ପତ୍ର ଥିବା ବିଡାପ୍ରତି 40 ପଇସାରୁ 60 ପଇସାକୁ ବୃଦ୍ଧି କରାଯାଇଛି । ପ୍ରାୟ 4 ଲକ୍ଷ ୨5 ହଜାର ଯୋଗ୍ୟ ପତ୍ର ତୋଳାଳୀ ଜନଶ୍ରୀ ବୀମା ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି ଏବଂ ଏଥିରେ କେନ୍ଦୁ ପତ୍ର ବନ୍ଧାଳୀ ଶ୍ରମିକ ମାନଙ୍କୁ ସାମିଲ କରିବା ଯୋଜନା ଆଗେଇଚାଲିଛି ।

**6.2.2 ଶିଳ୍ପ ବିଭାଗ**

ଏହି ବିଭାଗରେ ଉଭୟ ଯୋଜନା ଓ ଅଣ ଯୋଜନା ପାଇଁ 27 କୋଟି 48 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

**6.2.3 ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ**

ଏହି ବିଭାଗରେ ଉଭୟ ଯୋଜନା ଓ ଅଣ ଯୋଜନା ପାଇଁ 70 କୋଟି 26 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

**6.2.4 ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ**

ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ 130 କୋଟି 88 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ରାଜ୍ୟରେ ଥିବା ହସ୍ତତନ୍ତ ବୁଣାକାର, ଟସର ଚାଷୀ ଓ ହସ୍ତଶିଳ୍ପ କାରିଗର ମାନଙ୍କର ସାମାଜିକ ବିକାଶ, ଆର୍ଥିକ ପ୍ରଗତି ତଥା ବ୍ୟାପକ ନିଯୁକ୍ତି ଏହି ବିଭାଗର ମୁଖ୍ୟ ଉଦ୍ଦେଶ୍ୟ ।

**ହସ୍ତତନ୍ତ ଓ ଟସର ଶିଳ୍ପ କ୍ଷେତ୍ର** : କୃଷିପରେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଏହା ରାଜ୍ୟର ଦ୍ୱିତୀୟ ସର୍ବ ବୃହତ କ୍ଷେତ୍ର । ରାଜ୍ୟର ପ୍ରାୟ 1,03,000 ହସ୍ତତନ୍ତ ବୁଣାକାର ଏବଂ 35,300 ଟସର, ମାଲବେରି ଓ ହରି ଚାଷୀମାନଙ୍କର ଉତ୍ପାଦନ ବୃଦ୍ଧିକୁ ଲକ୍ଷ୍ୟ ରଖି ସେମାନଙ୍କ କାର୍ଯ୍ୟଦକ୍ଷତା ତଥା ବଜାର ଚାହିଦା ବୃଦ୍ଧି ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ ଉଦ୍ୟମ କରାଯାଉଛି । ଟସର ଚାଷୀଙ୍କ ପ୍ରଶିକ୍ଷଣ ନିମନ୍ତେ "ଟସର ଚାଷ ପ୍ରଶିକ୍ଷଣ ସଂସ୍ଥା" ଚଳିତ ବର୍ଷଠାରୁ ଆରମ୍ଭ କରିବା ନିମନ୍ତେ ପରିକଳ୍ପନା କରାଯାଇଛି । "ମୋ କୁଡିଆ" "ମଧୁବାବୁ ପେନସନ୍ ଯୋଜନା" ଇତ୍ୟାଦି ଯୋଜନା ବିଭିନ୍ନ ବିଭାଗ

ମାନଙ୍କର ସହଯୋଗ କ୍ରମେ ବୁଣାକାର ଓ ଟସର ଚାଷୀ କାରିଗରମାନଙ୍କ ସାମାଜିକ ସ୍ଥିତିକୁ ସୁଦୃଢ଼ କରିବା ପ୍ରୟାସ ଜାରି ରଖିବା ସଙ୍ଗେ ସଙ୍ଗେ ସେମାନଙ୍କୁ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଓ ଆବଶ୍ୟକତା ମତେ ସୌରରଶ୍ମୀ ଚାଳିତ ଲଣ୍ଠନ, ଟର୍ଚ୍ଚ, ଜୋତା ଇତ୍ୟାଦି ସ୍ୱତନ୍ତ୍ର ଯୋଜନା ଅଧୀନରେ କାମ ଯୋଗାଇ ଦେବା ନିମନ୍ତେ ଲକ୍ଷ୍ୟ ରଖାଯାଇଅଛି । 2013-14 ଆର୍ଥିକ ବର୍ଷରେ ଏହି କ୍ଷେତ୍ରରେ ମୋଟ 63 କୋଟି 20 ଲକ୍ଷ ଟଙ୍କା ବ୍ୟୟବରାଦର ପ୍ରସ୍ତାବ ଅଛି ।

- **ହସ୍ତତନ୍ତ କ୍ଷେତ୍ର** : ଓଡିଶା ଏହାର ହସ୍ତଶିଳ୍ପ କାର୍ଯ୍ୟ ପାଇଁ ପ୍ରସିଦ୍ଧ । ଏବଂ ଏହା ଆମର କଳା ଓ ସଂସ୍କୃତିର ଅଙ୍ଗାଅଙ୍ଗି ଭାବେ ଜଡିତ । ଏଠାରେ ପ୍ରାୟ 50 ପ୍ରକାରର ବିଭିନ୍ନ ହସ୍ତଶିଳ୍ପ ଚିହ୍ନଟ କରାଯାଇଛି । ରାଜ୍ୟରେ 10,000 ହସ୍ତଶିଳ୍ପ କାରିଗରଙ୍କୁ କର୍ମସଂସ୍ଥାନ ଯୋଗାଇବା ଏବଂ ଅଧିକ ଉତ୍ପାଦନ ନିମନ୍ତେ ପ୍ରଶିକ୍ଷଣ ଏବଂ ବଜାର ସୁବିଧା ମାଧ୍ୟମରେ ସେମାନଙ୍କର ଦକ୍ଷତାବୃଦ୍ଧି ଏହି ଯୋଜାର ଲକ୍ଷ୍ୟ । ଜାତୀୟ ଓ ଆନ୍ତର୍ଜାତୀକ ସ୍ତରୀୟ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାପାଇଁ ଏକ ହସ୍ତତନ୍ତ ଓ ହସ୍ତଶିଳ୍ପ ସଂଗ୍ରହାଳୟ ନିର୍ମାଣର ପ୍ରସ୍ତାବ ଅଛି । ଏହି କ୍ଷେତ୍ର ପାଇଁ 2013-14 ଆର୍ଥିକ ବର୍ଷରେ 16 କୋଟି ୫0 ଲକ୍ଷ ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଅଛି ।

### 6.2.5 ବିଜ୍ଞାନ ଓ କାରିଗରୀ ବିଭାଗ

- ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ 4୨ କୋଟି 4୫ ଲକ୍ଷ ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ଅଛି ।

- ଜନ ସାଧାରଣଙ୍କ ମଧ୍ୟରେ ଗଣିତ ଜ୍ୟୋତିଷ ଗ୍ରହ ନକ୍ଷତ୍ର ସମ୍ବନ୍ଧୀୟ ପଦାର୍ଥ ବିଜ୍ଞାନ ଏବଂ ମହାକାଶ ବିଜ୍ଞାନରେ ସଚେତନତା ସୃଷ୍ଟିପାଇଁ ସମ୍ବଲପୁର ଠାରେ ଏକ ନୂତନ ପ୍ଲାନେଟୋରିୟମ ପ୍ରତିଷ୍ଠା କରାଯିବାକୁ 2012-13 ଆର୍ଥିକ ବର୍ଷରେ 5 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । 2013-14 ଆର୍ଥିକ ବର୍ଷପାଇଁ ଏଥିପାଇଁ ଆଉ ଅତିରିକ୍ତ 4 କୋଟି 34 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରେ ଜୈବ ପ୍ରଯୁକ୍ତି ବିଦ୍ୟା ପରୀକ୍ଷାଗାରର ଉନ୍ନତି ପାଇଁ 3 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହାଦ୍ୱାରା ଗବେଷକ ଓ ଛାତ୍ରଛାତ୍ରୀ ମାନେ ଉପକୃତ ହେବେ ।
- ଓରେଡ଼ା ପାଇଁ ଏକ ସବୁଜ ସୌଧ (Green Building) ନିର୍ମାଣ ନିମନ୍ତେ 1 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ଓଡିଶା ଦୂର ସମ୍ବେଦୀ ପ୍ରୟୋଗ କେନ୍ଦ୍ର (ORSAC) ର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ଅଣପାରମ୍ପରିକ ଶକ୍ତିଉତ୍ସ ପାଇଁ 3 କୋଟି 50 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହା ଏକ ନୂତନ ଯୋଜନା ।

### 6.3.2 ସୂଚନା ପ୍ରଯୁକ୍ତି ବିଦ୍ୟା

ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପାଇଁ 125 କୋଟି 42 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଜାତୀୟ ଇ-ଗର୍ଭନାନସ୍ କାର୍ଯ୍ୟକ୍ରମ ଅନୁସାରେ ଇ-ଗର୍ଭନାନସ୍ର କାର୍ଯ୍ୟାନ୍ୱୟନ ପାଇଁ 24 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଆଇ.ଆଇ.ଆଇ.ଟି, ଭୁବନେଶ୍ୱରର ଭିତ୍ତିଭୂମି ଉନ୍ନୟନ ପାଇଁ 12 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ଇଉ.ଆଇ.ଡି. ପ୍ରଦାନ ପାଇଁ 35 କୋଟି 70 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ଇନ୍ଫୋସିଟି-II ଆଇ.ଟି.-ଏସ୍.ଇ.ଜେଡ୍.ର ଉନ୍ନତି କରଣ ପାଇଁ 19 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଇ-ଜିଲ୍ଲା ପ୍ରକଳ୍ପ ମାଧ୍ୟମରେ ନାଗରିକମାନଙ୍କର ବିଭିନ୍ନ ସେବା ଯୋଗାଇ ଦିଆଯାଉଛି । ବର୍ତ୍ତମାନ ଏହି ପ୍ରକଳ୍ପ ଦୁଇଟି ଜିଲ୍ଲା ଯଥା ମୟୁରଭଞ୍ଜ ଓ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି ଏବଂ ପରବର୍ତ୍ତୀ ସମୟରେ ଏହା ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏଥିପାଇଁ 2013-14 ବଜେଟ୍ରେ 10 କୋଟି 66 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏହା ଓଡିଶା ସାଧାରଣ ସେବା ଆଇନ ଅଧିନରେ ବିଭିନ୍ନ ସେବାକୁ ଯୋଗାଇ ଦିଆଯିବ ।

**6.2.7 ଯୋଜନା ଓ ସମନ୍ୱୟ ବିଭାଗ**

ଯୋଜନା ସମନ୍ୱୟ ବିଭାଗରେ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ମୋଟ 1374 କୋଟି 88 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ପଶ୍ଚିମ ଓଡିଶା ବିକାଶ ପରିଷଦ ପାଇଁ ୫0 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- କେବିକେ ପରି ଅତି ଅନୁନ୍ନତ ଅଞ୍ଚଳର ବିକାଶ ପାଇଁ ବିଜୁ କୃଷକ ଯୋଜନା ନିମନ୍ତେ 120 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ବିଜୁ କନ୍ଧମାଳ ଓ ଗଜପତି ଯୋଜନା ପାଇଁ 2୫ କୋଟି 50 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ଆଦିବାସୀ ଓ ପଛୁଆ ଜିଲ୍ଲାରେ ସମନ୍ୱିତ କାର୍ଯ୍ୟ ଯୋଜନା (Integreated Action Plan) ପ୍ରଣୟନ ପାଇଁ 540 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପାଇଁ 192 କୋଟି 20 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ସ୍ୱତନ୍ତ୍ର ସମସ୍ୟା ପାଣ୍ଠି ପାଇଁ 40 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

**6.2.୫ ଖାଦ୍ୟ ଯୋଗାଣ ଓ ଖାଉଟି ସୁରକ୍ଷା ବିଭାଗ**

ଏହି ବିଭାଗର ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 1373 କୋଟି 77 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ସମାଜର ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବାପାଇଁ କିଲୋ ପିଚ୍ଛା 2 ଟଙ୍କା ହାରରେ ଚାଉଳ ଯୋଗାଇ ଦିଆଯାଉଥିଲା; ପରବର୍ତ୍ତୀ ସମୟରେ କିଲୋ ପିଚ୍ଛା

1 ଟଙ୍କା ହାରରେ ଚାଉଳ ତା.01.02.2013 ରିଖ ଠାରୁ ଯୋଗାଇ ଦିଆଯାଉଛି ଏବଂ ଏଥିପାଇଁ 2012-13 ଆର୍ଥିକ ବର୍ଷ ବଜେଟରେ 1140 କୋଟି 57 ଲକ୍ଷ ଟଙ୍କା ବ୍ୟୟ ବରାଦ ଥିବାବେଳେ 2013-14 ଆର୍ଥିକ ବର୍ଷ ବଜେଟ୍‌ରେ 1312 କୋଟି 5 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି ଯୋଜନାରେ 36,90,119 ବି.ପି.ଏଲ ପରିବାର ୫ଟି କେ.ବି.କେ. ଜିଲ୍ଲାରେ 5,35,402 ଏ.ପି.ଏଲ ପରିବାର, ତଫସିଲିଭୁକ୍ତ ଜାତି ଓ ଜନଜାତି ଛାତ୍ରାବାସର ଅନ୍ତେବାସୀ ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନେ ଉପକୃତ ହୋଇପାରିବେ ।

- ଅନ୍ନପୂର୍ଣ୍ଣା ଯୋଜନାର ରୂପାୟନ ପାଇଁ ଓଡିଶା ରାଜ୍ୟ ସାଧାରଣ ଯୋଗାଣ ନିଗମ ଲିଃ କୁ ସରକାରୀ ସହାୟତା ବାବଦରେ 5 କୋଟି 20 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ଗ୍ରାମପଞ୍ଚାୟତ, ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ଏବଂ ସମବାୟ ସଂସ୍ଥା ମାନଙ୍କୁ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖୁଚୁରା ବିକ୍ରେତା ଭାବେ ଉତ୍ସାହିତ କରାଯାଉଛି । ଏହାଦ୍ୱାରା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବେସରକାରୀ ସଂସ୍ଥାର ଭୂମିକା ରହିବ ନାହିଁ ।

- ଜାଲ ପଡିକାର୍ଡ ବ୍ୟବହାରକୁ ରୋକିବାପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଉପଭୋକ୍ତାଙ୍କୁ ଉପଯୁକ୍ତ ଭାବେ ଆବଶ୍ୟକୀୟ ଜିନିଷ ପ୍ରଦାନ ଉଦ୍ଦେଶ୍ୟରେ ପଡିକାର୍ଡର ଫଟୋଉଠା ବ୍ୟବସ୍ଥାରେ ୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

## 6.2.9 ପରିବହନ ବିଭାଗ

ଏହି ବିଭାଗ ପାଇଁ ଉଭୟ୍ ଯୋଜନା ଓ ଅଣ ଯୋଜନାରେ 157 କୋଟି 83 ଲକ୍ଷ ଟଙ୍କାର ବ୍ୟୟ୍‌ବରାଦ କରାଯାଇଛି ।

- ସହଭାଗିତାରେ ନିର୍ମାଣ ହେବାକୁ ଥିବା କେତୋଟି ବାଣିଜ୍ୟିକ ଦୃଷ୍ଟିରୁ ଲାଭଜନକ ରେଳ ପ୍ରକଳ୍ପର ଉନ୍ନତିକରଣ ପାଇଁ 2013-14 ଆର୍ଥିକ ବର୍ଷରେ 100 କୋଟି ଟଙ୍କା ବ୍ୟୟ୍ ବରାଦ କରାଯାଇଛି ।
- ନୂତନ ବସ୍ କ୍ରୟ୍ ଲାଗି ଓଡିଶା ରାଜ୍ୟ ସଡକ ପରିବହନ ନିଗମରେ ପୁଞ୍ଜି ଅଂଶ ବିନିଯୋଗ ନିମନ୍ତେ 8 କୋଟି ଟଙ୍କା ବ୍ୟୟ୍ ବରାଦ କରାଯାଇଛି ।
- ଦୁର୍ଗମ ଜନଜାତି ଅଞ୍ଚଳରେ ଗମନାଗମନର ସୁବିଧାପାଇଁ "ଗ୍ରାମ୍ୟ ପରିବହନ ସଂଯୋଗୀକରଣ ଯୋଜନା" ନାମରେ ଏକ ନୂତନ ଯୋଜନା ହାତକୁ ନିଆଯାଇଛି । ଏହି ଯୋଜନାରେ ଉଦ୍ୟୋଗକାରୀଙ୍କୁ ସୁଧ ରିହାତି ଏବଂ ରାସ୍ତା ଟିକସ ଓ ପରମିଟ୍ ଫିସ୍ ଛାଡ କରାଯିବାର ବ୍ୟବସ୍ଥା ଅଛି । ଏହି ଯୋଜନାରେ 1000ଟି ଛୋଟ ପରିବହନ ଯାନ ଗ୍ରାମାଞ୍ଚଳରେ ଥିବା ଜନଜାତି ଅଞ୍ଚଳରେ ଯାତାୟତ କରିବ । ଏହି ନୂଆ ଯାଜନା ପାଇଁ 2 କୋଟି ଟଙ୍କା ବ୍ୟୟ୍ ବରାଦ କରାଯାଇଛି । ଦୁର୍ଗମ ଅଞ୍ଚଳରେ ପରିବହନ ବ୍ୟବସ୍ଥାର ଉନ୍ନତିସହ ଗ୍ରାମାଞ୍ଚଳର ଅନ୍ତତଃ 1000 ଜଣ ଉଦ୍ୟୋଗୀଙ୍କୁ ନିଯୁକ୍ତିର ସୁବିଧା ମିଳିବ ।

### 6.2.10 ବାଣିଜ୍ୟ ବିଭାଗ

ବାଣିଜ୍ୟ ବିଭାଗର ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 62 କୋଟି 92 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ ଜେଟି ଓ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ 3 କୋଟି 80 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ସାତପଡା ଠାରେ ଜେଟି ନିର୍ମାଣ ପାଇଁ 1 କୋଟି 35 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ସରକାରୀ ଛାପାଖାନାରେ ଆଧୁନିକ ଛପେଇ ମେସିନ୍ ଓ ସରଞ୍ଜାମ କ୍ରୟ ନିମନ୍ତେ 3 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

## 6.3 ଭିତ୍ତିଭୂମି ଉନ୍ନୟନ

### 6.3.1 ପୂର୍ତ୍ତ ବିଭାଗ

- 2012-13 ଆର୍ଥିକ ବର୍ଷରେ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 2258 କୋଟି 55 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ଥିବାବେଳେ 2013-14 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ପାଇଁ 1200 କୋଟି ଟଙ୍କା ସମେତ ଏହାକୁ 2531 କୋଟି 68 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । 2013-14 ଆର୍ଥିକ ବର୍ଷରେ 615 କି.ମି. ରାସ୍ତାର ଉନ୍ନତିକରଣ ଓ 15ଟି ସେତୁ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।
- ରାଜ୍ୟ ଯୋଜନାରେ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ 450 କୋଟି ଟଙ୍କା, କେନ୍ଦ୍ରୀୟ ସଡକ ପାଣ୍ଠି ଅଧୀନରେ 70 କୋଟି ଟଙ୍କା,

ବହିଃ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ଅଧୀନରେ 73 କୋଟି 50 ଲକ୍ଷ ଟଙ୍କା, ଏକକାଳୀନ ଅତିରିକ୍ତ କେନ୍ଦ୍ରୀୟ ସହାୟତା ଅଧୀନରେ ୨4 କୋଟି ଟଙ୍କା ଏବଂ କେ.ବି.କେ. ପାଇଁ ସ୍ୱତନ୍ତ୍ର ଅଞ୍ଚଳ କାର୍ଯ୍ୟକ୍ରମ ନିମନ୍ତେ 36 କୋଟି 81 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- **ଅର୍ଥନୈତିକ କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ରାସ୍ତା ସଂଯୋଗୀକରଣ ଆବଶ୍ୟକ । ଏହାକୁ ଆଖିଆଗରେ ରଖି ରାଜ୍ୟ ରାଜପଥର ଦୋହରୀକରଣ ପାଇଁ "ରାଜ୍ୟ ରାଜପଥ ଉନ୍ନତି ପ୍ରକଳ୍ପ" ନାମରେ ଏକ ନୂତନ ଯୋଜନା ହାତକୁ ନିଆଯାଇଛି । ଏହି ଯୋଜନା ଅଧୀନରେ 5587 କି.ମି. ରାସ୍ତାକୁ ଚଉଡା କରିବା ସମେତ 75ଟି ସେତୁ, ରାସ୍ତା ଉପରେ ଆଉ ଗୋଟିଏ ରାସ୍ତା ଯିବାପାଇଁ 10ଟି ସେତୁ** (75 nos. of bridges and 10 no. of ROBs/Flyovers) **ନିର୍ମାଣ ପାଇଁ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ 3000 କୋଟି ଟଙ୍କାର ପ୍ରସ୍ତାବ ଅଛି । 475 କି.ମି. ରାସ୍ତା ପାଇଁ ପ୍ରସ୍ତୁତି କାର୍ଯ୍ୟ ସରିଗଲାଣି । ଏହି ନୂତନ ଯୋଜନା ପାଇଁ 2013-14 ଆର୍ଥିକ ବର୍ଷରେ 100 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।**

- **ନଗରାଞ୍ଚଳରେ ରାସ୍ତା ନିର୍ମାଣ ପାଇଁ ସାଧାରଣ ପୂର୍ତ୍ତ କାର୍ଯ୍ୟ ଅଧୀନରେ** (PWD Roads in Urban Areas) **ଏକ ନୂତନ ଯୋଜନା ହାତକୁ ନିଆଯାଇଛି ଏବଂ ଏଥିପାଇଁ 75 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।**

- ସରକାରୀ-ବେସରକାରୀ ଭାଗିଦାରୀ ଉଦ୍ୟୋଗରେ ରାସ୍ତା ପ୍ରକଳ୍ପ ପାଇଁ 53 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ନବକଳେବର ରାସ୍ତା ନିର୍ମାଣ ପାଇଁ 34 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ରାସ୍ତା ଓ ସେତୁର ରକ୍ଷଣା ବେକ୍ଷଣ ପାଇଁ ଅଣଯୋଜନା କ୍ଷେତ୍ରରେ 747 କୋଟି 83 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ଅଣ ଯୋଜନା କ୍ଷେତ୍ରରେ ଅଣ ଆବାସୀକ ଗୃହର ରକ୍ଷଣାବେକ୍ଷଣ ପାଇଁ 273 କୋଟି 47 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ଏଥି ମଧ୍ୟରୁ 30 କୋଟି ଟଙ୍କା ଅନ୍ତତ ପକ୍ଷେ 30 ବର୍ଷର ପୁରୁଣା ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୃହର ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ।

### 6.3.2 **ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପାଇଁ 2012-13 ଆର୍ଥିକ ବର୍ଷରେ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 1574 କୋଟି 67 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ 2013-14 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ପାଇଁ 1162 କୋଟି 40 ଲକ୍ଷ ଟଙ୍କା ସମେତ ଏହି ବିଭାଗରେ ମୋଟ 2385 କୋଟି 46 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ପାନୀୟ ଜଳ ଯୋଗାଇ ଦିଆଯାଇନଥିବା ବା ଆଂଶିକ ଭାବେ ଯୋଗାଇ ଦିଆଯାଇଥିବା ନଗାରଞ୍ଚଳ ୱାର୍ଡରେ ଜଳ ଯୋଗାଣକୁ ପ୍ରାଥମିକତା ଦେଇ ଜଳ ଯୋଗାଣ ପାଇଁ 125 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଗ୍ରାମ୍ୟ ଦୀର୍ଘ ମିଆଦୀ କର୍ମ ଯୋଜନା ପାଇଁ ଉଦ୍ଦିଷ୍ଟ ଥିବା ଅର୍ଥରୁ 19 କୋଟି 52 ଲକ୍ଷ ଟଙ୍କା ନିଆଯାଇ କେ.ବି.କେ. ଜିଲ୍ଲାରେ ଗ୍ରାମାଞ୍ଚଳ ଗରିବଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଅର୍ଥ ବ୍ୟବସ୍ଥା ହୋଇଅଛି ।

- ନଗରାଞ୍ଚଳ ଆବର୍ଜନା ନିର୍ଗମ ଓ ପରିମଳ ପାଇଁ 321 କୋଟି 84 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ଜବାହାରଲାଲ ନେହେରୁ ନଗରାଞ୍ଚଳ ନବୀକରଣ ଯୋଜନା ଏବଂ UIDSSMT ପ୍ରକଳ୍ପ ପାଇଁ 312 କୋଟି 96 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏତଦ୍‌ବ୍ୟତୀତ ସମନ୍ୱିତ ଗୃହ ନିର୍ମାଣ ବସ୍ତି ଉନ୍ନୟନ ପ୍ରକଳ୍ପରେ ଚାଲୁରହିଥିବା କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିବାପାଇଁ ଏବଂ ରାଜୀବ ଆବାସ ଯୋଜନା ଅଧୀନରେ ଚାଲୁରହିଥିବା ଓ ନୂଆ ପ୍ରକଳ୍ପପାଇଁ 126 କୋଟି 72 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ନଗରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥାକୁ ସିମେଣ୍ଟ କଂକ୍ରିଟ୍ ରୋଡ୍ ନିର୍ମାଣ ପାଇଁ ଆର୍ଥିକ ସହାୟତା ନିମନ୍ତେ 125 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହା ଏକ ନୂତନ ଯୋଜନା ଅଟେ ।

- ସେହିପରି ଅଣ ଜବାହାରଲାଲ ନେହେରୁ ନଗରାଞ୍ଚଳ ନବୀକରଣ ଯୋଜନା ଆଧାରରେ ସହରରେ ବସ ସେବା ଯୋଗାଇଦେବାପାଇଁ 18 କୋଟି 60 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ଏବଂ ନଗରାଞ୍ଚଳ ଗଭର୍ନାଂସର ଉନ୍ନତିପାଇଁ ଦକ୍ଷତାବୃଦ୍ଧି ନିମନ୍ତେ 5 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ବହିଃ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ଅଧୀନରେ ଓଡିଶା ନଗରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ପାଇଁ 42 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହା

ବର୍ଯ୍ୟବସ୍ତୁ ପରିଚାଳନା, ବସ୍ତି ପୁନଃଥଇଥାନ, ଜଳ ଯୋଗାଣ ଏବଂ ଗୃହ ନିର୍ମାଣ ପାଇଁ ଉଦ୍ଦିଷ୍ଟ ।

- ବସ୍ତି ପୁନଃଥଇଥାନ ଯୋଜନାରେ 5 କୋଟି ଟଙ୍କା ଏବଂ ରାତ୍ରି ଆଶ୍ରୟସ୍ଥଳୀର ଉନ୍ନତିପାଇଁ 2 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ନଗରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥାମାନଙ୍କୁ ଅନୁଦାନ ପାଇଁ 158 କୋଟି 25 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।
- ପ୍ରବେଶ କର ରୁ ସ୍ଥାନୀୟ ନଗରାଞ୍ଚଳ ନିକାୟ ସଂସ୍ଥାକୁ କ୍ଷତିପୂରଣ ପାଇଁ ଦିଆଯାଉଥିବା ଅର୍ଥ 2012-13 ବଜେଟ ଅଟକଳ ଅନୁସାରେ 307 କୋଟି 34 ଲକ୍ଷ ଟଙ୍କା ଥିବାବେଳେ 2013-14 ବଜେଟ୍ ଅଟକଳରେ ଏଥିପାଇଁ 500 କୋଟି ଟଙ୍କା ବ୍ୟବସ୍ଥା ରଖାଯାଇଛି ।
- ମରୁଡି ହୋଇନଥିବା ଅଞ୍ଚଳରେ ସ୍ଥାନୀୟ ନଗରାଞ୍ଚଳ ନିକାୟ ସଂସ୍ଥାକୁ ଅଣ ଯୋଜନା କ୍ଷେତ୍ରରେ ପାନୀୟ ଜଳ ଯୋଗାଣ ପାଇଁ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଅଣଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ ଆବାସିକ / ଅଣଆବାସିକ ଗୃହ, ଜଳଯୋଗାଣ ପ୍ରକଳ୍ପ ଏବଂ ନଗରାଞ୍ଚଳ ରାସ୍ତା ଓ ସେତୁ ର ରକ୍ଷଣାବେକ୍ଷଣ ପାଇଁ ମୋଟ 186 କେଟି 68 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

### 6.3.3 ଗ୍ରାମ୍ୟ ଉନ୍ନୟନ ବିଭାଗ

2012-13 ଆର୍ଥିକ ବର୍ଷରେ ଏହି ବିଭାଗ ପାଇଁ ମୋଟ ବ୍ୟୟବରାଦ 1720 କୋଟି 54 ଲକ୍ଷ ଟଙ୍କା ଥିବାବେଳେ 2013-14 ଆର୍ଥିକ ବର୍ଷରେ 2032 କୋଟି 57 ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି ।

- 2011-12 ଆର୍ଥିକ ବର୍ଷରେ 400 ସେତୁ ନିର୍ମାଣ ପାଇଁ ବିଜୁ ସେତୁ ଯୋଜନା ପ୍ରଣୟନ କରାଯାଇଛି । ଏହି ଯୋଜନା ପାଇଁ ଅଧିକ ଆବଶ୍ୟକତାକୁ ଆଖିରେ ରଖି ଆଉ 200ଟି ଗ୍ରାମ୍ୟ ସେତୁ ନିର୍ମାଣ ପାଇଁ ନିଷ୍ପତି ନିଆଯାଇଛି ଏବଂ ଏଥିପାଇଁ ବଜେଟ୍‌ରେ 150 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ତ୍ରୟୋଦଶ ଅର୍ଥ କମିଶନଙ୍କ ଅନୁଦାନ କ୍ରମେ ଗ୍ରାମ୍ୟ ରାସ୍ତା ଓ ସେତୁର ରକ୍ଷଣାବେକ୍ଷଣ ପାଇଁ 76 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ ରାସ୍ତା ଓ ସେତୁ ନିର୍ମାଣ ତଥା ଗ୍ରାମ୍ୟ ଜଳ ଯୋଗାଣ ପାଇଁ 220 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଅର୍ଥନୈତିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ବିବେଚିତ ମୁଖ୍ୟ ରାସ୍ତାର ଉନ୍ନତିକରଣ ପାଇଁ ରାଜ୍ୟ ଯୋଜନାରେ 70 କୋଟି 67 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ପାଇଁ ବ୍ୟୟବରାଦ ୫0 କୋଟି ଟଙ୍କାରୁ 120 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

- ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅଧୀନରେ ନିର୍ମିତ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ୬୪ କୋଟି 40 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଅନ୍ତତଃପକ୍ଷେ 30 ବର୍ଷର ପୁରୁଣା ବିଦ୍ୟାଳୟର ମରାମତି ଓ ନବୀକରଣ ପାଇଁ 30 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ରାଜ୍ୟ ଅଂଶ ବାବଦରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଯୋଜନା ଅଧୀନରେ 1200 ଟି ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଏବଂ 35000 ନଳକୂପ ଓ ପରିମଳ କୂପ ସ୍ଥାପନ ନିମନ୍ତେ 240 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଗ୍ରାମ୍ୟ ପରିମଳ ପାଇଁ କେନ୍ଦ୍ର ପ୍ରବର୍ତ୍ତୀତ ଯୋଜନାର ରାଜ୍ୟ ଅଂଶ ବାବଦରେ 55 କୋଟି ୨୨ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

### 6.3.4 ଶକ୍ତି ବିଭାଗ

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଶକ୍ତି ବିଭାଗ ପାଇଁ 743 କୋଟି 56 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- **ଉପଭୋକ୍ତା ମାନଙ୍କୁ ଉଚ୍ଚମାନର ବିଦ୍ୟୁତ ଶକ୍ତି ଯୋଗାଇଦେବାପାଇଁ ଏବଂ ଗ୍ରାମାଞ୍ଚଳରେ ସ୍ୱଳ୍ପ ବିଦ୍ୟୁତମାନ ସମସ୍ୟାକୁ ପ୍ରତିହତ କରିବାପାଇଁ ଆଗାମୀ ଦୁଇ ବର୍ଷରେ 550 ଗୋଟି 33/11 କେ.ଭି. ସବ୍ଷ୍ଟେସନ ସ୍ଥାପନ ପାଇଁ ପ୍ରସ୍ତାବ ଅଛି । ଏହି ପ୍ରକଳ୍ପ ପାଇଁ 1650 କୋଟି ଟଙ୍କାର ଆବଶ୍ୟକତା ଅଛି । ଏସବୁ ସବ୍ଷ୍ଟେସନ ସ୍ଥାପିତ ହେଲେ ରାଜ୍ୟର ସବୁ ବ୍ଲକରେ ସେମାନଙ୍କର ଆବଶ୍ୟକତା**

**ଅନୁଯାୟୀ 2-3 ଟି 33/11 କେ.ଭି. ସବ୍‌ଷ୍ଟେସନ ସ୍ଥାପିତ ହୋଇପାରିବ । ଏହା ଏ.ଟି ଏବଂ ସି. କ୍ଷତି ପରିମାଣ 5 ପ୍ରତିଶତ ହ୍ରାସ କରିବ। ଏହି ନୂଆ ପ୍ରକଳ୍ପ ପାଇଁ 200 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।**

- କେ.ବି.କେ. ଏବଂ ଅନ୍ୟାନ୍ୟ ଦୁର୍ଗମ ଅଞ୍ଚଳରେ ଟ୍ରାନ୍‌ସମିଶନ ନେଟୱାର୍କର ବୃଦ୍ଧି ଓ ସଶକ୍ତିକରଣ ପାଇଁ ରାଜ୍ୟ ସରକାରଙ୍କ ଅଂଶଧନ ବାବଦରେ ଆଗାମୀ 5 ବର୍ଷରେ ଓଡିଶା ଶକ୍ତି ଟ୍ରାନ୍‌ସିଶନ ନିଗମ ଲିଃ କୁ 300 କୋଟି ଟଙ୍କା ଦେବାର ପ୍ରସ୍ତାବ ଅଛି । ଏଥିପାଇଁ 2013-14 ଆର୍ଥିକ ବର୍ଷରେ 50 କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ଅଛି ।
- ଜନବସତି ଗୁଡିକୁ ବିଦ୍ୟୁତୀକରଣ ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ଉନ୍ନତି ପାଇଁ ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ 50 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ବିଜୁ ସରହାଞ୍ଚଳ ବିଦ୍ୟୁତୀକରଣ ଯୋଜନା ଅଧୀନରେ ନଗାରଞ୍ଚଳରେ ବିଦ୍ୟୁତ୍ ଶକ୍ତି ଯୋଗାଇଦେବାପାଇଁ 20 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ବିଭିନ୍ନ ଶକ୍ତି ସଂରକ୍ଷଣ କାର୍ଯ୍ୟପାଇଁ ଚଳିତ ବର୍ଷ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- କ୍ୟାପେକ୍ସର କାର୍ଯ୍ୟାନ୍ୱୟନ ପାଇଁ 2012-13 ଆର୍ଥିକ ବର୍ଷ ବଜେଟ୍‌ରେ 135 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ନବକଳେବର ପାଇଁ ଏକ ନୂଆ ଗ୍ରୀଡ୍ ସବଷ୍ଟେସନ ସ୍ଥାପନ ନିମନ୍ତେ 10 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ସ୍କୁଲ, କଲେଜ ଏବଂ ଅଙ୍ଗନବାଡି କେନ୍ଦ୍ର ନିକଟରେ ଥିବା ଟ୍ରାନସ୍ଫର୍ମରର ସ୍ଥାନାନ୍ତର ନିମନ୍ତେ 15 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରୁଥିବା ହସ୍ତୀ ମୃତ୍ୟୁ ଜନିତ ବିପଦକୁ ଦୁର୍ କରିବା ପାଇଁ ହସ୍ତୀ ଅଳିନ୍ଦର ସଶକ୍ତିକରଣ ନିମନ୍ତେ 21 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଶାମୁକା ବେଳାଭୂମି ପ୍ରକଳ୍ପର ବିଦ୍ୟୁତୀକରଣ ନିମନ୍ତେ 5 କୋଟି ଟଙ୍କା ବ୍ୟୟବରାଦ ।
- IIT, ଭୁବନେଶ୍ୱରର ବିଦ୍ୟୁତୀକରଣ ପାଇଁ 5 କୋଟି ଟଙ୍କା ବ୍ୟୟବରାଦ ।
- ଏଥି ସହିତ ଓଡିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ଗୃହ ନିର୍ମାଣ ନିମନ୍ତେ 5 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## 6.4 ସାଧାରଣ ସେବା

### 6.4.1 ସ୍ୱରାଷ୍ଟ୍ର ବିଭାଗ

2013-14 ଆର୍ଥିକ ବର୍ଷରେ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ସ୍ୱରାଷ୍ଟ୍ର ବିଭାଗ ପାଇଁ 2713 କୋଟି 32 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି, ଯାହା ଚଳିତ ବର୍ଷର ବଜେଟ୍ ବ୍ୟବସ୍ଥାଠାରୁ ଯଥେଷ୍ଟ ଅଧିକ

ଅଟେ । ଚଳିତ ବର୍ଷ ଏଥିପାଇଁ 2343 କୋଟି 33 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ରାଜ୍ୟ ଯୋଜନାରେ 2013-14 ଆର୍ଥିକ ବର୍ଷରେ ସମନ୍ୱିତ ଅଭ୍ୟର୍ଥନା କେନ୍ଦ୍ର ତଥା ଥାନାରେ ମହିଳା ଓ ଶିଶୁ ଡେସ୍କ ସ୍ଥାପନ ଏବଂ ଅନ୍ୟାନ୍ୟ ଅଫିସ ଗୃହ ନିର୍ମାଣ ପାଇଁ 61 କୋଟି ୨7 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ଅନୁସୂଚିତ ଜନଜାତି ବର୍ଗର 4855 ଜଣ ସ୍ୱତନ୍ତ୍ର ପୋଲିସ ଅଧିକାରୀଙ୍କୁ ନିୟମିତ କନେଷ୍ଟବଳ ଭାବେ ନିଯୁକ୍ତି ପାଇଁ ଓଡିଶା ସହାୟକ ପୋଲିସ୍ ବାହିନୀ ଗଠନ କରାଯାଇଛି ଏବଂ ଏଥିପାଇଁ ଆବଶ୍ୟକୀୟ ବ୍ୟୟବରାଦ କରାଯାଇଛି ।

- ସେହିପରି 2ଟି ଯୁଗ୍ମ ସ୍ୱତନ୍ତ୍ର ଆଇ.ଆର. ବାଟାଲିୟନ ସୃଷ୍ଟି ପାଇଁ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରାଯାଇଛି । ଏଥିରେ ଉଭୟ ନିରାପତ୍ତା ଓ ଇଂଜିନିୟରିଂ କାର୍ଯ୍ୟପାଇଁ ସାମଗ୍ରୀ ରହିବ । ଏହି ବାଟାଲିୟନ ଅତ୍ୟଧିକ ନକସଲ ପ୍ରବଣ ଅଞ୍ଚଳରେ ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନେବ ।

- ଅଣ ଯୋଜନା କ୍ଷେତ୍ରରେ ନିରାପତ୍ତା ଜନିତ ଖର୍ଚ୍ଚ ପାଇଁ 115 କୋଟି 4 ଲକ୍ଷ ଟଙ୍କା ବ୍ୟୟବରାଦର ପ୍ରସ୍ତାବ ଥିବାବେଳେ ପୋଲିସ ବାହିନୀର ଆଧୁନିକୀକରଣ ପାଇଁ 3୨ କୋଟି 63 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଜେଲ ସଂସ୍ଥାର ସାମଗ୍ରୀକ ଉନ୍ନତିପାଇଁ ରାଜ୍ୟ ଯୋଜନାରେ 50 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି; ଏଥିମଧ୍ୟରୁ 48 କୋଟି 82 ଲକ୍ଷ

ଟଙ୍କା ଜେଲ ଏବଂ ଆବାସିକ ଗୃହର ନିର୍ମାଣ ଓ ଉନ୍ନତିକରଣ ପାଇଁ ଉଦ୍ଦିଷ୍ଟ ।

- ରାଜ୍ୟ ଯୋଜନାରେ ଅଗ୍ନୀଶମ ସଂସ୍ଥାର ଉନ୍ନତି ପାଇଁ 58 କୋଟି 31 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏଥିମଧ୍ୟରୁ 5 କୋଟି 35 ଲକ୍ଷ ଟଙ୍କା ଅଗ୍ନିନିରୋଧକ ସରଞ୍ଜାମ କ୍ରୟ ଏବଂ 52 କୋଟି 96 ଲକ୍ଷ ଟଙ୍କା ଦମକଳ କେନ୍ଦ୍ର ଓ ଆବାସିକ ଗୃହ ନିର୍ମାଣ ପାଇଁ ଉଦ୍ଦିଷ୍ଟ ।

- ନକ୍ସଲ ସଂସ୍ଥାରେ ଥିବା ବିପଥଗାମୀ ଯୁବକଙ୍କ ହୃଦୟ ଜୟ କରିବା ପାଇଁ ସେମାନଙ୍କୁ ମୁଖ୍ୟ ସ୍ରୋତକୁ ଫେରାଇଆଣିବାପାଇଁ ରାଜ୍ୟ ସରକାର ଆକର୍ଷଣୀୟ ଆତ୍ମସମର୍ପଣ ଏବଂ  ଥଇଥାନ ଯୋଜନା ପ୍ରସ୍ତୁତ କରିଛନ୍ତି । ଏଥିରେ ସେମାନଙ୍କର ଥଇଥାନ ପାଇଁ ଆର୍ଥିକ ସହାୟତା ବ୍ୟବସ୍ଥା ଅଛି । ଏହି ଉଦ୍ଦେଶ୍ୟରେ ଅଣଯୋଜନାରେ 2 କୋଟି 69 ଲକ୍ଷ ଟଙ୍କା ବ୍ୟୟବରାଦର ପ୍ରସ୍ତାବ ଅଛି ।

- ରାଜ୍ୟ ଯୋଜନାରେ ଅଦାଲତ ଗୃହ ନିର୍ମାଣ ନିମନ୍ତେ 69 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି  ଏବଂ ଜିଲ୍ଲା ଓ ଦୌରା ଅଦାଲତ ତଥା ତାଙ୍କ ସହାୟକ କର୍ମଚାରୀଙ୍କ ଆବାସିକ ଗୃହ ନିର୍ମାଣ ନିମନ୍ତେ 6 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଅତିରିକ୍ତ 34 ଟି ଜିଲ୍ଲା ଓ ଦୌରାଜଜ୍ ଅଦାଲତ ପ୍ରତିଷ୍ଠାପାଇଁ ଅଣ ଯୋଜନାରେ 10 କୋଟି 61 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏହି କୋର୍ଟ ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ଗୁରୁତର ଅପରାଧକୁ ଫାଷ୍ଟ ଟ୍ରାକ କୋର୍ଟ ଆଧାରରେ ବିଚାରକରିବେ ।

## 6.4.2 ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 2012-13 ଆର୍ଥିକ ବର୍ଷରେ 1204 କୋଟି ୨୪ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବାବେଳେ 2013-14 ଆର୍ଥିକ ବର୍ଷରେ ଏହି ବ୍ୟୟବରାଦର ପରିମାଣ 1344 କୋଟି 84 ଲକ୍ଷ ଟଙ୍କା ଅଟେ ।

- ରାଜ୍ୟ ଯୋଜନାରେ ଅଫିସ ଗୃହ ନର୍ମାଣପାଇଁ 32 କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ କ୍ଷେତ୍ରୀୟ ରାଜସ୍ୱ କାର୍ଯ୍ୟାଳୟର ଭିତ୍ତିଭୂମି ଉନ୍ନତିପାଇଁ ଆବାସିକ ଗୃହ ନିର୍ମାଣ ନିମନ୍ତେ 18 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଜାତୀୟ ଭୂ ରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମ ଅଧୀନରେ ଆଧୁନିକ, ସମନ୍ୱିତ, ଉନ୍ନିତ ଏବଂ ସ୍ୱଚ୍ଛ ଭୂ ରେକର୍ଡ ପରିଚାଳନା ବ୍ୟବସ୍ଥାର ପ୍ରସ୍ତୁତିପାଇଁ ରାଜ୍ୟ ଅଂଶ ବାବଦରେ ୨ କୋଟି 25 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ବାସହୀନ ପରିବାରକୁ ସ୍ଥିତିବାନ ଜମି ଓ ଭୂମିହୀନ ପରିବାରକୁ କୃଷି ଜମି ବଣ୍ଟନପାଇଁ ରାଜ୍ୟ ଯୋଜନାରେ 5 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ନୂଆ ରାଜସ୍ୱ ନିରୀକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ ନିମନ୍ତେ 2013-14 ବଜେଟ୍‌ରେ 3 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ରାଜ୍ୟ ଯୋଜନାରେ 2013-14 ଆର୍ଥିକ ବର୍ଷପାଇଁ ରାଜସ୍ୱ କାର୍ଯ୍ୟାଳୟକୁ କମ୍ପ୍ୟୁଟରୀକରଣ କରିବାପାଇଁ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିସହିତ ରାଜସ୍ୱ କାର୍ଯ୍ୟାଳୟରେ ସୂଚନା ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମିର ସଶକ୍ତିକରଣ ପାଇଁ 5 କୋଟି 13 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ଅଣ ଯୋଜନା କ୍ଷେତ୍ରରେ ରାଜ୍ୟ ଆପଦ ମୁକାବିଲା ପାଣ୍ଠି ଏବଂ ଜାତୀୟ ଆପଦ ମୁକାବିଲା ପାଣ୍ଠି ପାଇଁ ଯଥାକ୍ରମେ 453 କୋଟି 31 ଲକ୍ଷ ଏବଂ 200 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

### 6.4.3 ସାଧାରଣ ପ୍ରଶାସନ ବିଭାଗ

ଏହି ବିଭାଗରେ ଉଭୟ ଯୋଜନା ଓ ଅଣ ଯୋଜନା ପାଇଁ 184 କୋଟି 2 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- 2013-14 ଆର୍ଥିକ ବର୍ଷରେ କଟକସ୍ଥିତ ସି.ଡି.ଏ. ଠାରେ ଓଡିଶା ପ୍ରଶାସନିକ ନ୍ୟାୟାଧୀକରଣ ଗୃହ ନିର୍ମାଣ ପାଇଁ ରାଜ୍ୟ ଯୋଜନାରେ ୨ କୋଟି 64 ଲକ୍ଷ ଟଙ୍କା ବ୍ୟୟବରାଦର ପ୍ରସ୍ତାବ ଅଛି ।

- ରାଜଧାନୀରେ ସରକାରୀ ଜମିର ସୁରକ୍ଷାପାଇଁ ୫ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ଅଛି ।

### 6.4.4 ଆଇନ ବିଭାଗ

ଚଳିତ ବର୍ଷ ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 1୨3 କୋଟି ୨୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ

ଆଗାମୀ ବର୍ଷ ପାଇଁ ଏହି ବିଭାଗରେ 201 କୋଟି 58 ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି ।

- ଚଳିତ ବର୍ଷ ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ଓ ମନ୍ଦିର ପ୍ରଶାସନପାଇଁ ଅନୁଦାନ ବାବଦରେ 5 କୋଟି 15 ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ ଆଗାମୀ ବର୍ଷ ପାଇଁ ଏଥିନିମନ୍ତେ 7 କୋଟି 75 ଲକ୍ଷ ଟଙ୍କା ବ୍ୟୟବରାଦର ପ୍ରସ୍ତାବ ଅଛି ।

## 6.5 ଅନ୍ୟାନ୍ୟ କ୍ଷେତ୍ର

### 6.5.1 ସୂଚନା ଓ ଲୋକସମ୍ପର୍କ ବିଭାଗ

2012-13 ଆର୍ଥିକ ବର୍ଷରେ ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 42 କୋଟି 28 ଲକ୍ଷ ଟଙ୍କା ବ୍ୟୟବରାଦର ପ୍ରସ୍ତାବ ଥିଲାବେଳେ 2013-14 ଆର୍ଥିକ ବର୍ଷ ବଜେଟ୍ ଅଟକଳରେ ଏହା 65 କୋଟି 45 ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି ।

### 6.5.2 କ୍ରୀଡା ଓ ଯୁବ ସେବା ବିଭାଗ

ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 74 କୋଟି 54 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ରାଜ୍ୟ ଯୋଜନା କଳେବର 2012-13 ଆର୍ଥିକ ବର୍ଷରେ 17 କୋଟି ଟଙ୍କା ଥିଲାବେଳେ 2013-14 ଆର୍ଥିକ ବର୍ଷରେ ଏହା 38 କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

- ବ୍ଲକ ସ୍ତରରେ କ୍ଷୁଦ୍ର ଷ୍ଟାଡିୟମ ନିର୍ମାଣ ନିମନ୍ତେ ପ୍ରଥମ ଥର ପାଇଁ ରାଜ୍ୟ ଯୋଜନାରେ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- କଳିଙ୍ଗ ଷ୍ଟାଡିୟମ୍, ଭୁବନେଶ୍ୱର ଠାରେ Sports Complex ର ଉନ୍ନତି ପାଇଁ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଚଳିତ ବର୍ଷ ଏହି ବ୍ୟୟବରାଦ ପରିମାଣ 4 କୋଟି 61 ଲକ୍ଷ ଟଙ୍କା ଅଟେ ।

- ଭାରତର କ୍ରମବର୍ଦ୍ଧିଷ୍ଣୁ ଯୁବସମାଜକୁ ବିଶ୍ୱ ପ୍ରତିଯୋଗିତା କ୍ଷେତ୍ରରେ ଶକ୍ତିର ଏକ ପ୍ରଧାନ ଉତ୍ସ ହିସାବରେ ବିବେଚନା କରାଯାଏ। ଭାରତର ଯୁବକ ମାନଙ୍କର ହାରାହାରି ବୟସ 25 ବର୍ଷ ଥିବାବେଳେ ଚୀନ୍ ଏବଂ ଜାପାନରେ ଏହି ହାରାହାରି ବୟସ ଯଥାକ୍ରମେ 35 ଏବଂ 44 ଅଟେ । ଜନସଂଖ୍ୟାର ଏହି ଅନୁକୂଳ ପରିସ୍ଥିତିକୁ ଲାଭଦାୟକ ଉପାୟରେ ନିୟୋଜିତ କରିବାପାଇଁ ଆମକୁ ସଠିକ ନୀତି ନିର୍ଦ୍ଧାରଣ କରିବାକୁ ପଡିବ । ଏହି ପରିପ୍ରେକ୍ଷୀରେ ମୁଁ ମାନ୍ୟବର ସଦସ୍ୟ ଓ ସଦସ୍ୟା ମାନଙ୍କୁ ଏକଥା ସୂଚାଇ ଦେବାକୁ ଚାହେଁଯେ ଆମ ସରକାର ଏକ ବିସ୍ତୃତ ଯୁବ ନୀତି ପ୍ରଣୟନ କରିବାକୁ ଯାଉଛନ୍ତି । ଏହି ନୀତି ଚୁଡାନ୍ତ ହେବାକୁ ସମୟ ଲାଗିବ; କିନ୍ତୁ ବର୍ତ୍ତମାନର  ଏହି ସୁଯୋଗକୁ ହାତଛଡା ନକରି ଆମ ସରକାର ଯୁବକମାନଙ୍କର ସାଧାରଣ ଜୀନବନରେ - ବିଶେଷତଃ ସେବାପ୍ରଦାନ  ଓ ଜନ କଲ୍ୟାଣକାରୀ ଯୋଜନାରେ- ଅଂଶ ଗ୍ରହଣ ପାଇଁ ପର୍ଯ୍ୟାପ୍ତ ଅବସର ସୃଷ୍ଟି ଉଦ୍ଦେଶ୍ୟରେ "ବିଜୁ ଯୁବ ସଶକ୍ତି କରଣ ଯୋଜନା" ନାମରେ ଏକ ନୂତନ ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି । ଏହି ଯୋଜନା ଅଧୀନରେ ଆମେ ପ୍ରତ୍ୟେକ ଜିଲ୍ଲା ଓ ଉପଜିଲ୍ଲା କାର୍ଯ୍ୟାଳୟରେ 5000 ଯୁବକଙ୍କୁ ମାସିକ 1500 ଟଙ୍କା ବୃତ୍ତିନେଇ ପ୍ରଶିକ୍ଷଣ ଦେବାକୁ ପ୍ରସ୍ତାବ ଅଛି । ଏହି ନୂତନ ଯୋଜନାର ରୂପାୟନ ପାଇଁ ରାଜ୍ୟ ଯୋଜନାରେ 3 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

### 6.5.3 **ସଂସ୍କୃତି ବିଭାଗ**

ଏହି ବିଭାଗ ବଜେଟ୍‌ରେ ଚଳିତ ବର୍ଷ ପାଇଁ ଉଭୟ ଯୋଜନା ଓ ଅଣ ଯୋଜନାରେ 5୨ କୋଟି 17 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ଆଗାମୀ ବର୍ଷପାଇଁ ଏଥିପାଇଁ 70 କୋଟି ୨୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ବିଭିନ୍ନ ସ୍ମାରକୀ ଓ ବୌଦ୍ଧ କୀର୍ତିରାଜୀ ଗୁଡିକର ସୁରକ୍ଷା ନିମନ୍ତେ 16 କୋଟି 25 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

### 6.5.4 **ପର୍ଯ୍ୟଟନ ବିଭାଗ**

ଏହି ବିଭାଗ ପାଇଁ ଚଳିତ ବର୍ଷ 65 କୋଟି 20 ଲକ୍ଷ ଟଙ୍କାର ବ୍ୟୟ ଦରାଦ କରାଯାଇଥିଲାବେଳେ ଆଗାମୀ ବର୍ଷ ପାଇଁ 74 କୋଟି 83 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ 20 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ଆନ୍ତର୍ଜାତିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଆନ୍ତର୍ଜାତିକ ଘଟଣା ବଳୀର ଆୟୋଜନ ଏବଂ ବିଜ୍ଞାପନ ପାଇଁ 10 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

### 6.5.5 ଅବକାରୀ ବିଭାଗ

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଚଳିତବର୍ଷ ପାଇଁ ଅବକାରୀ ବିଭାଗରେ 52 କୋଟି 54 ଲକ୍ଷ ଟଙ୍କା ବ୍ୟବବରାଦ ହୋଇଥିବା ବେଳେ 2013-14 ବଜେଟ୍ ଅଟକଳରେ ଏଥିପାଇଁ 56 କୋଟି 54 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ 3 କୋଟି 50 ଲକ୍ଷ ଟଙ୍କା ରେଞ୍ଜ୍ ଓ ଚାର୍ଜ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ।

### 6.5.6 ଓଡିଶା ବିଧାନ ସଭା

ଓଡିଶା ବିଧାନସଭା ପାଇଁ 46 କୋଟି 19 ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି । ଏଥିମଧ୍ୟରୁ 10 ଲକ୍ଷ ଟଙ୍କା ପୂର୍ବତନ ବିଧାୟକ/ବିଧାୟିକା ମାନଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା ପାଇଁ ଉଦ୍ଦିଷ୍ଟ ।

## 7. ଉତ୍ତମ ଆର୍ଥିକ ପରିଚାଳନା ପାଇଁ ଆନୁଷ୍ଠାନିକ ସଂସ୍କାର

**7.1** ମହାମହିମ ରାଜ୍ୟପାଳ ଏହି ଗୃହରେ ତାଙ୍କ ଅଭିଭାଷଣରେ 2013-14 ଆର୍ଥିକ ବର୍ଷ ପାଇଁ ଅନ୍ ଲାଇନ ବଜେଟ୍ ସମେତ ଉତ୍ତମ ଆର୍ଥିକ ପରିଚାଳନା ଏବଂ ସରକାରୀ ଖର୍ଚ୍ଚର ଗୁଣାବତ୍ତା ଉପରେ ଆଲୋକପାତ କରିଛନ୍ତି । ମୁଁ ବାଣିଜ୍ୟ କର ସଂସ୍ଥାଦ୍ୱାରା ପ୍ରଚଳିତ କେତେକ ନାଗରିକ କୈନ୍ଦ୍ରିକ ଇ-ସେବା (Citizen Centric e-Services) ସମ୍ପର୍କରେ ସୂଚନା ଦେବାକୁ ଯାଉଛି ।

**7.2** ବାଣିଜ୍ୟ କର ସଂସ୍ଥାରେ ବ୍ୟବସାୟୀମାନଙ୍କୁ ଟିକସ ପୈଠ, ରିଟର୍ଣ ଦାଖଲ, ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ର ସଂଶୋଧନ ଏବଂ ପଥ ବିଲ୍ (Way bill) ଓ ଅନ୍ୟାନ୍ୟ ବୈଧାନିକ ଫର୍ମ ପ୍ରଦାନ ଆଦି ସେବା ଇଣ୍ଟରନେଟ୍ ମାଧ୍ୟମରେ କରାଯାଉଛି । ଭବିଷ୍ୟତରେ ଆହୁରି ଅଧିକ ବ୍ୟବସାୟୀ କେନ୍ଦ୍ରିକ

ସେବା ଯଥା - ପ୍ରତିବନ୍ଧକରୁ ମୂକ୍ତ ହେବା ପ୍ରମାଣ ପତ୍ର (Clearance Certificate), ଶୂନ୍ୟ ହ୍ରାସିତ ପ୍ରମାଣପତ୍ର (No Deducation Certificate) ଓ ଠିକାଦାରମାନଙ୍କ ମୂଳ ବିଲ୍‌ରୁ ଟିକସ ପୈଠ ପ୍ରମାଣ ପତ୍ର (Tax Deduction at Source Certificate) ପ୍ରଦାନ ଇତ୍ୟାଦି ମଧ୍ୟ ଇ-ସେବା ମାଧ୍ୟମରେ ଯୋଗାଇ ଦିଆଯିବର ପ୍ରସ୍ତାବ ଅଛି । ଏତଦ୍‌ବ୍ୟତୀତ ବ୍ୟବସାୟିକ ଗୁପ୍ତ ବାର୍ତ୍ତାକୁ ସ୍ୱେଚ୍ଛାକୃତ ଟିକସ ଅନୁପାଳନ ଏବଂ ଟିକସ ଫାଙ୍କିକୁ ରୋକିବା ପାଇଁ ନିୟୋଜିତ କରାଯିବ । ଉପରେ ଦର୍ଶାଯାଇଥିବା ସଂସ୍କାର ଯୋଗୁଁ ବର୍ତ୍ତମାନ ଟିକସ ପ୍ରଶାସନରେ ଦକ୍ଷତା ଏବଂ ସ୍ୱଚ୍ଛତା ପରିଲକ୍ଷିତ ହେଉଛି ଏବଂ ଅସୁବିଧା ରହିତ ବାତାବରଣ ସୃଷ୍ଟି ହୋଇଛି ।

**7.3 କାର୍ଯ୍ୟକ୍ରମ ରୂପାୟନ ଏବଂ ପରିଣାମ ଅନୁଶୀଳନ କେନ୍ଦ୍ର ସ୍ଥାପନ (Establishment of Programme Delivery and Outcome Monitoring Unit)** - ପୂର୍ବ ବଜେଟ୍ ଅଭିଭାଷଣରେ ଘୋଷଣା କରାଯାଇଥିଲା ଯେ ବଜେଟ୍‌ରେ ବ୍ୟୟବରାଦ ତୁଳନାରେ କିପରି ଅର୍ଥ ଖର୍ଚ୍ଚ ହେଉଛି, ସେ କଥାର ନିରପେକ୍ଷ ଅନୁଶୀଳନ ପାଇଁ ଅର୍ଥ ବିଭାଗରେ ଏକ ଉତ୍ସର୍ଗୀକୃତ କାର୍ଯ୍ୟକ୍ରମ ରୂପାୟନ ଏବଂ ପରିଣାମ ଅନୁଶୀଳନ କେନ୍ଦ୍ର (**Programme Delivery and Outcome Monitoring Unit)** ସ୍ଥାପନ ହେବ । ଏହା ମାଧ୍ୟମରେ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରମୁଖ କାର୍ଯ୍ୟକ୍ରମ ଗୁଡିକର ସମବର୍ତ୍ତି ସମୀକ୍ଷା ଓ ନିରପକ୍ଷ ଅନୁଶୀଳନ ତଥା ଫଳାଫଳ ମୂଲ୍ୟାୟନ ହୋଇପାରିବ । ମାନ୍ୟବର ସଦସ୍ୟ-ସଦସ୍ୟାମାନେ ଏ କଥା ଜାଣି ଖୁସିହେବ ଯେ ବିଶେଷଜ୍ଞ ଚୟନ ପକ୍ରିୟା ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି ଏବଂ ଏହି କେନ୍ଦ୍ର ଖୁବ୍ ଶିଘ୍ର କାର୍ଯ୍ୟକ୍ଷମ ହେବ । 2013-14 ବଜେଟ୍ ଆକଳନର ଏଥିପାଇଁ 5 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## ୪. ସରକାରୀ ସେବା ଅଧିକାର

ଓଡିଶା ସରକାରୀ ସେବା ଅଧିକାର ଆଇନ 2012 ଏହି ପବିତ୍ର ଗୃହର ବିଗତ ଅଧିବେଶନରେ ପାରିତ ହୋଇଛି । ଏହି ଆଇନ ନାଗରିକଙ୍କୁ ସାଧାରଣ ସେବା ଯୋଗାଇଦେବାରେ ଦକ୍ଷତା, ସ୍ୱଚ୍ଛତା, ସମୟାନୁବର୍ତ୍ତିତା ଓ ଉତ୍ତରଦାୟିତ୍ୱ ପ୍ରତି ଆମର ଅଙ୍ଗିକାରବଦ୍ଧତାକୁ ସୂଚାଇ ଦିଏ । ବର୍ତ୍ତମାନ 7 ଟି ବିଭାଗର 34 ଟି ସେବା ପାଇଁ ଏହି ଆଇନ ଉଦ୍ଦିଷ୍ଟ । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସରକାର ନାଗରିକମାନଙ୍କୁ ଏସବୁ ସେବା ଯୋଗାଇ ଦେବାପାଇଁ ପ୍ରତିଶୃତିବଦ୍ଧ । ଅର୍ଥ ବିଭାଗର ବାଣିଜ୍ୟକର ସଂସ୍ଥା ଅଧୀନରେ 3 ଟି ସେବା ଏହି ଆଇନର ପରିସରଭୁକ୍ତ । ଆଗାମୀ ଦିନରେ ଅଧିକରୁ ଅଧିକ ସେବାକୁ ଏହି ଆଇନର ପରିସରଭୁକ୍ତ କରାଯିବ ।

## ୨. ଭିତ୍ତିଭୂମି ଜନିତ ସମ୍ପତ୍ତି ପରିଚାଳନା ପାଇଁ ସମ୍ପତ୍ତି ପରିଚାଳନା ନୀତି ପ୍ରୟୋଗ (Application of asset management principle for maintenance of infrastructure assets)

ସଂସ୍କାର ପକ୍ରିୟାର ଅଂଶ ସ୍ୱରୂପ ସଡକ କ୍ଷେତ୍ରରେ ରାଜ୍ୟ ସରକାର ପୂର୍ତ୍ତ ବିଭାଗ ଅଧୀନରେ ଥିବା ସଡକ ପରିଚାଳନା ବଜେଟ୍ ପ୍ରସ୍ତୁତି ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ସମ୍ପତ୍ତି ପରିଚାଳନା ନୀତି ପ୍ରଚଳନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ପ୍ରାୟ ୪000 କି.ମି ରାଜ୍ୟ ରାଜପଥ ଏବଂ ଜିଲ୍ଲାସ୍ତରୀୟ ପ୍ରମୁଖ ରାସ୍ତାକୁ ସାମିଲ କରାଯାଇଛି । ଏହି ଉଦ୍ୟମ ରାଜ୍ୟରେ ପ୍ରଥମଥର ପାଇଁ ଆରମ୍ଭ କରାଯାଇଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏଥିସହ ଅନ୍ୟାନ୍ୟ ଜିଲ୍ଲା ରାସ୍ତାକୁ ସାମିଲ କରାଯିବାର ପ୍ରସ୍ତାବ ଅଛି । କେନ୍ଦ୍ରୀୟ ସଡକ ଗବେଷଣା ପ୍ରତିଷ୍ଠାନ (Central Road Reserch Institute)

ର ସହାୟତାରେ ଆଧୁନୀକ ଜ୍ଞାନ କୌଶଳ ବ୍ୟବହାର କରାଯାଇ ରାସ୍ତା ଗୁଡିକର ଅବସ୍ଥାକୁ ମୂଲ୍ୟାୟନ କରାଯାଉଛି । ଏଥିସହିତ ପ୍ରାୟ 1650 ଟି ସେତୁକୁ ଅନୁଧ୍ୟାନ କରାଯାଇ ସେଗୁଡିକର ପୁନରୁଦ୍ଧାର ନିମନ୍ତେ ପରିଚାଳନା ବଜେଟ୍‌ରେ ସାମିଲ କରାଯାଇଛି ।

ଅଗ୍ରାଧୀକାର ଭିତ୍ତିରେ ରାଜ୍ୟ ରାଜପଥ ଏବଂ ଜିଲ୍ଲା ସ୍ତରୀୟ ପ୍ରଧାନ ରାସ୍ତାଗୁଡିକୁ ଚଉଡା କରିବା ପାଇଁ ସମ୍ପତ୍ତି ପରିଚାଳନା ପଦ୍ଧତିର ପରିସର ଭୁକ୍ତ କରାଯାଉଛି । ଏହି ଉଦ୍ୟମ ସଡକ ଓ ସେତୁର ପରିଚାଳନା ଯୋଜନାରେ ଏକ ଶୃଙ୍ଖଳିତ ପ୍ରୟୋଗର ଅବସର ସୃଷ୍ଟି କରିବା ସଙ୍ଗେସଙ୍ଗେ ସରକାରଙ୍କର ପ୍ରତିଶୃତି ଅନୁଯାୟୀ ସରକାରୀ ପାଣ୍ଠିର ସଠିକ୍ ବିନିଯୋଗ କରିବାରେ ସହାୟକ ହେବ ।

**10. ବଜେଟ୍ ଆକଳନ-ବିତ୍ତୀୟ ସଂସ୍କାର ଓ ବଜେଟ୍ ପରିଚାଳନା ଲକ୍ଷ୍ୟ** :

**10.1** ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାର ବିତ୍ତୀୟ ଉତ୍ତରଦାୟୀ ବଜେଟ୍ ପରିଚାଳନା ଆଇନରେ ସଂଶୋଧନ କରିଛନ୍ତି ଏବଂ ଏକ ଆର୍ଥିକ ସଂଶୋଧନର ଏକ ଖସଡା ପ୍ରସ୍ତୁତ କରିଛନ୍ତି । ଏହି ଖସଡା ଅନୁସାରେ 2013-14 ଆର୍ଥିକ ବର୍ଷରେ ରାଜ୍ୟ ସରକାର ରାଜସ୍ୱ ବଳକା ସୃଷ୍ଟି ପାଇଁ ପଦକ୍ଷେପ ନେବାସହ ଆର୍ଥିକ ନିଅଣ୍ଟକୁ ସାମଗ୍ରୀକ ଘରୋଇ ଉତ୍ପାଦର 3 ପ୍ରତିଶତରେ ସୀମିତ ରଖିବା ସହ, ଋଣ ଓ ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତକୁ ୨୨.୫ ପ୍ରିତଶତରେ ସିମୀତ ରଖିବେ । 2013-14 ଆର୍ଥିକ ବର୍ଷର ବଜେଟ୍ ଆକଳନରେ ଉପରୋକ୍ତ 3 ଟି ଯାକ ବିତ୍ତୀୟ ସୂଚକାଙ୍କ ସଂଶୋଧିତ ଖସଡାରେ ଧାର୍ଯ୍ୟଲକ୍ଷ୍ୟକୁ ଦୃଷ୍ଟିରେ ରଖି ଆକଳନ କରାଯାଇଛି ।

**10.2** 2013-14 ଆର୍ଥିକ ବର୍ଷରେ ରାଜସ୍ୱ କ୍ଷେତ୍ରରେ ଖର୍ଚ୍ଚ 49394 କୋଟି 37 ଲକ୍ଷ ଟଙ୍କା ହେବବୋଲି ଆକଳନ କରାଯାଇଛି । ରାଜସ୍ୱ କ୍ଷେତ୍ରରେ ସନ୍ତୁଳନ ହାସଲ କଲାପରେ, ଆଗାମୀ ବର୍ଷରେ ରାଜସ୍ୱ ବଳକା 1904 କୋଟି 61 ଲକ୍ଷ ଟଙ୍କା ହେବ ବୋଲି ବଜେଟ୍‌ରେ ଆକଳନ କରାଯାଇଛି । ଏହା ସାମଗ୍ରୀକ ଘରୋଇ ଉତ୍ପାଦର 0.65 ପ୍ରତିଶତ ହେବ । ସେହିପରି ବିତ୍ତୀୟ ନିଅଣ୍ଟ 5945 କୋଟି 13 ଲକ୍ଷ ଟଙ୍କାରେ ଆକଳିତ ହୋଇଛି, ଯାହା ସାମଗ୍ରୀକ ଘରୋଇ ଉତ୍ପାଦର 2.03 ପ୍ରତିଶତ ହେବ ।

**10.3** 2013-14 ଆର୍ଥିକ ବର୍ଷ ଶେଷରେ ରାଜ୍ୟର ଋଣ ଭାର 45561 କୋଟି 12 ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି; ଯାହା ସାମଗ୍ରୀକ ଘରୋଇ ଉତ୍ପାଦର 15.58 ପ୍ରତିଶତ ଅଟେ ।

## 11. **ଟିକସ ପ୍ରସ୍ତାବ**

**11.1** ବିଗତ 12 ବର୍ଷ ଧରି କୌଣସି ନୂଆ ଟିକସ ନବସାଇ ଟିକସ ଘରୋଇ ଉତ୍ପାଦର ଅନୁପାତକୁ ବଢାଇବା ପାଇଁ ଆମ ସରକାର ଉଦ୍ୟମ ଅବ୍ୟାହତ ରଖିଛନ୍ତି । ଏହି ଉଦ୍ୟମ ଯୋଗୁଁ ଟିକସ ପ୍ରଶାସନରେ ଦକ୍ଷତା ବୃଦ୍ଧି ହେବା ସଙ୍ଗେସଙ୍ଗେ ଆମକୁ ଯଥେଷ୍ଟ ସଫଳତା ମିଳିଛି । ସେ ଯାହା ହେଉନା କାହିଁକି ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ଅତିରିକ୍ତ ସମ୍ବଳର ଆବଶ୍ୟକତା ନେଇ ଆମେ ସଚେତନ । ଏହି ପରିପ୍ରେକ୍ଷିରେ ମୁଁ ମାନ୍ୟବର ସଦସ୍ୟସଦସ୍ୟାମାନଙ୍କୁ ସୂଚାଇ ଦେବାକୁ ଚାହେଁ ଯେ କେନ୍ଦ୍ର ଦ୍ୱାରା ଅନୁସୃତନୀତି ଆମକୁ ଖଣିଜ ସମ୍ପଦରୁ ଅଧିକ ରାଜସ୍ୱ ସଂଗ୍ରହ କରିବାରେ ଅନ୍ତରାୟ ସୃଷ୍ଟି କରିଛି । ଆମର ବାରମ୍ବାର ଅନୁରୋଧ ସତ୍ତ୍ୱେ ଭାରତ ସରକାର ପ୍ରମୂଖ ଖଣିଜ ସମ୍ପଦର ରୟାଲିଟି ଉପରେ 20 ପ୍ରତିଶତ ମୂଲ୍ୟଯୁକ୍ତ ଟିକସ ଲାଗୁ କରୁନାହାଁନ୍ତି । ଏତଦ୍‌ବ୍ୟତୀତ

ନିୟମିତ ଭାବରେ କେନ୍ଦ୍ର ସରକାର ପ୍ରତି ୩ ବର୍ଷରେ ଥରେ ରୟାଲିଟ୍ ହାର ସଂଶୋଧିତ କରୁନାହାଁନ୍ତି ।

11.2 ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଆନ୍ତର୍ଜାତିକ ସ୍ତରରେ ଖଣିଜ ସମ୍ପଦର ମୂଲ୍ୟବୃଦ୍ଧି ହେବାଦ୍ୱାରା ଖଣି ଲିଜ୍ ନେଇଥିବା ବ୍ୟକ୍ତିମାନେ ଖଣିଜ ସମ୍ପଦରୁ ବହୁତ ଲାଭ ପାଉଛନ୍ତି । ଖଣି ମାଲିକମାନେ ଉପାର୍ଜନ କରୁଥିବା ବଳକା ଅର୍ଥ ଉପରେ 50 ପ୍ରତିଶତ ହାରରେ ଖଣିଜ ସମ୍ପଦର ଲାଭ ଉପରେ ଟିକସ (Mineral Resources Rent Tax) ଦେବାପାଇଁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କ ଠାରେ ଦାବି ଜଣାଇ ଆସୁଛନ୍ତି, କିନ୍ତୁ କେନ୍ଦ୍ର ସରକାର ଅଦ୍ୟାବଧି ଏହି ଦାବିକୁ ଗ୍ରହଣ କରିନାହାଁନ୍ତି । ଖଣି ଲିଜ୍‌ଧାରିମାନେ ପ୍ରଚଳିତ ନିୟମରେ ଥିବା ଲିଜ୍ ଅବଧିର ସ୍ୱତଃ ବୃଦ୍ଧି ସୁବିଧା (Deemed Extention Benefit) ଉପଭୋଗ କରୁଥିବା ବେଳେ ରାଜ୍ୟ ସରକାର ଖଣି ଲିଜ୍ ଓ ନବୀକରଣ ସମୟରେ ଲାଗୁହେଉଥିବା ଷ୍ଟାମ୍ପ ଶୁଳ୍କ ସଂଶୋଧନ ହୋଇପାରୁନଥିବାରୁ ଏ ବାବଦରେ ପ୍ରଚୁର ରାଜସ୍ୱ ହରାଉଛନ୍ତି ।

11.3 ଏହି ପରିପ୍ରେକ୍ଷୀରେ ବିଜ୍ଞ ଅର୍ଥ ଶାସ୍ତ୍ରୀ କୌଟିଲ୍ୟଙ୍କ ଏହି ଉକ୍ତିକୁ ମୁଁ ଉଦ୍ଧାର କରୁଛି -

**"ଖଣି ସମ୍ପଦର ଉତ୍ସ;**
**ସମ୍ପଦରୁ ସରକାରଙ୍କ କ୍ଷମତା ଆସିଥାଏ"**

ସୁତରାଂ ମୁଁ ଖଣି ସୂତ୍ରରୁ ଅତିରିକ୍ତ ରାଜସ୍ୱ ବୃଦ୍ଧି ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଷ୍ଟାମ୍ପ ଆଇନ ୧୮୨୨ ରେ ଆବଶ୍ୟକୀୟ ସଂଶୋଧନ ଆଣିବାକୁ ପ୍ରସ୍ତାବ ଦେଉଛି । ଆବଶ୍ୟକୀୟ ସଂଶୋଧନ ବିଧାନସଭାର ଚଳିତ ଅଧିବେଶନରେ ଅଣାଯିବାର ପ୍ରସ୍ତାବ ଅଛି ।

**11.4** ମୁଁ ବଜେଟ୍ ଅଭିଭାଷଣର 6.2.1 ଅନୁଚ୍ଛେଦରେ କେନ୍ଦୁପତ୍ର ତୋଳାଳୀଙ୍କୁ ସୁବିଧା ଯୋଗାଇଦେବାପାଇଁ 2013 ମସିହାରେ କେନ୍ଦୁପତ୍ର ସଂଗ୍ରହ ମୂଲ୍ୟ 20 ପତ୍ର ଥିବା ବିଡାପ୍ରତି 40 ପଇସାରୁ 60 ପଇସାକୁ ବୃଦ୍ଧି କରାଯାଇଛି ବୋଲି ଉଲ୍ଲେଖ କରିଛି । ଏଥି ପାଇଁ କେନ୍ଦୁପତ୍ର ବ୍ୟବସାୟ କ୍ଷେତ୍ରରେ ରୟାଲିଟ୍ ବାବଦରେ ରାଜ୍ୟ ସରକାର ପାଉଥିବା 100 କୋଟି ଟଙ୍କା ହରାଇବେ । ତେଣୁ 2012-13 ରେ ଜଙ୍ଗଲ ସୂତ୍ରରୁ ରାଜସ୍ୱ ପ୍ରାପ୍ତି 117 କୋଟି ଟଙ୍କା ଆକଳିତ ହୋଇଥିଲା ବେଳେ 2013-14 ଆର୍ଥିକ ବର୍ଷରେ ଏଥିପାଇଁ 30 କୋଟି ଟଙ୍କାର ରାଜସ୍ୱ ଆକଳନ କରାଯାଇଛି ।

## 12. **ଉପସଂହାର**

ମାନ୍ୟବର ବାଚସ୍ପତି ମହୋଦୟ ! ମୁଁ ବର୍ତ୍ତମାନ ବଜେଟ୍ ଅଭିଭାଷଣର ଅନ୍ତିମ ପର୍ଯ୍ୟାୟରେ ପହଁଞ୍ଚିଯାଇଛି । ଏହି ଅବସରରେ ମୁଁ ଏକଥା କହିବାକୁ ଚାହେଁ ଯେ 2000 ମସିହା ଠାରୁ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ଓ ପ୍ରଗତିଶୀଳ ନେତୃତ୍ୱରେ ଆମ ସରକାର ଜାତି, ଧର୍ମ ଏବଂ ଅଞ୍ଚଳ ନିର୍ବିଶେଷରେ ରାଜ୍ୟର ସମସ୍ତ ନାଗରିକଙ୍କର ସୁଖ ଓ ସମୃଦ୍ଧି ପାଇଁ ଆନ୍ତରିକ ଉଦ୍ୟମ ଜାରି ରଖିଛନ୍ତି । କୌଟିଲ୍ୟଙ୍କ ଭାଷାରେ ଏହାହିଁ ହେଉଛି - ଯୋଗକ୍ଷମ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶିର୍ବାଦ ଏବଂ ରାଜ୍ୟର ଜନ ସାଧାରଣଙ୍କର ନିରବଚ୍ଛିନ୍ନ ସୁଭେଚ୍ଛା ଓ ସମର୍ଥନ ବିନା ଏହା ସମ୍ଭବପର ହୋଇପାରିନଥାନ୍ତା । ଆମେ ଉତ୍ତରାଧିକାର ସୂତ୍ରରେ ବସ୍ତୁତଃ ଏକ ଶୂନ୍ୟ ରାଜକୋଷ ପାଇଥିଲୁ । ଉନ୍ନୟନମୂଳକ ଓ କଲ୍ୟାଣକାରୀ ଯୋଜନା ପାଇଁ ବସ୍ତୁତଃ କୌଣସି ଅର୍ଥ ନଥିଲା । ଆମକୁ ଏକ ବିଶାଳ ଋଣ ବୋଝ ମୁଣ୍ଡାଇବାକୁ ପଡିଥିଲା । ଏକଦା ଓଡିଶା ଦେଶରେ ସବୁଠାରୁ ଦରିଦ୍ରତମ ରାଜ୍ୟ ଥିଲା ଏବଂ ଏଠାରେ ଶିଶୁ ମୃତ୍ୟୁ ହାର ମଧ୍ୟ ସର୍ବାଧିକ ଥିଲା । ଏହି 12 ବର୍ଷ ମଧ୍ୟରେ ଓଡିଶାର ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ମୌଳିକ

ପରିବର୍ତ୍ତନ ଆଣିବାରେ ସମର୍ଥ ହୋଇପାରିଛୁ । ଖାଦ୍ୟ ଓ ପୁଷ୍ଟିସାର ନିରାପତ୍ତା, ସ୍ୱାସ୍ଥ୍ୟ ନିରାପତ୍ତା ସୁନିଶ୍ଚିତ କରିବା ତଥା ନିଯୁକ୍ତି ନିରାପତ୍ତା ଆମ ସରକାରଙ୍କ ନୀତିର ଏକ ମାଇଲ ଖୁଣ୍ଟ ଅଟେ । ଏକଥା ଆମେ କହୁନାହୁଁ ଯେ ଆମେ ଲୋକଙ୍କ ଆଶା ଆକାଂକ୍ଷାକୁ ସଂପୂର୍ଣ୍ଣ ଭାବେ ପୂରଣ କରିପାରୁଛୁ । ବାସ୍ତବରେ ଆମର କାର୍ଯ୍ୟକ୍ରମ ଓ ନୀତିର ବଳିଷ୍ଠ ରୂପାୟନ ଆମ ପାଇଁ ଲକ୍ଷ୍ୟ ହାସଲରେ ସହାୟକ ହୋଇଛି । ମୁଁ ଏହି ପବିତ୍ର ଗୃହର ସମସ୍ତ ମାନ୍ୟବର ସଦସ୍ୟସଦସ୍ୟାମାନଙ୍କୁ ତଥା ସେମାନଙ୍କ ଜରିଆରେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଆମେ ରାଜ୍ୟର ସାମୁହିକ ଉନ୍ନତି ଓ ସମୃଦ୍ଧି ପାଇଁ ବିନମ୍ରତାର ସହ କାର୍ଯ୍ୟକରି ଚାଲିଥିବୁ । ଏହି ପରିପ୍ରେକ୍ଷୀରେ ମୁଁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏହି ମହାନ ଉକ୍ତିକୁ ଅବତାରଣା କରୁଛି -

**" ଉତ୍କଳ-ତନୟେ ଦିଅ ନବ ବଳ,**
**ଉତ୍କଳ-ପାଦପେ ରସମୟ ଫଳ,**
**ଉତ୍କଳ-ସରିତେ ପବିତ୍ର ଜୀବନ,**
**ଉତ୍କଳ-କାନନେ ସ୍ୱର୍ଗୀୟ ସୁମନ,**
**ଉତ୍କଳ-ଆକାଶେ ନବ ଯଶଃ ରବି,**
**ଉତ୍କଳ-ପ୍ରକୃତି ଧରୁ ନବ ଛବି "**

ମୁଁ ପୁର୍ନବାର ଆପଣଙ୍କୁ, ଗୃହର ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବିରୋଧୀ ଦଳର ନେତା ଏବଂ ଏହି ପବିତ୍ର ଗୃହର ସମସ୍ତ ମାନ୍ୟବର ସଦସ୍ୟସଦସ୍ୟାମାନଙ୍କୁ ମୋତେ ଧୈର୍ଯ୍ୟର ସହ ଶୁଣିଥିବାରୁ ସାଧୁବାଦ ଜଣାଉଛି ।

**। ଜୟ ହିନ୍ଦ୍ ।**

**।। ବନ୍ଦେ ଉତ୍କଳ ଜନନୀ ।।**

PRINTED AT ODISHA GOVERNMENT PRESS, MADHUPATNA, CUTTACK-10